بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା: 32

ବାର୍ଷିକ ଦେୟ : 600/-

**ସମ୍ପାଦକ:**

କମ୍ରୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**

ସୟଦ୍ ଅତାଉଲ୍ ୱାହାବ୍

12 ସଫର୍ 1447 ହି.କ, 07 ଜହୁର୍ 1404 ହି.ଶ, 07 July 2025 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

وَمَا تُنۡفِقُوۡا مِنۡ خَیۡرٍ فَلِاَنۡفُسِکُمۡ ؕ
وَمَا تُنۡفِقُوۡنَ اِلَّا ابۡتِغَآءَ وَجۡہِ اللّٰہِ ؕ
وَمَا تُنۡفِقُوۡا مِنۡ خَیۡرٍ یُّوَفَّ اِلَیۡکُمۡ
وَاَنۡتُمۡ لَا تُظۡلَمُوۡنَ ○

**(ସୁରାଃ ଅଲ୍ ବକ୍ରାହ୍: 273)**

ଏବଂ ତୁମେମାନେ ଯାହାକିଛି ବିଶୁଦ୍ଧ ଧନ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ବ୍ୟୟ କର, ପ୍ରକୃତରେ ତୁମେମାନେ ଏପରି ବ୍ୟୟ କେବଳ ଅଲ୍ଲାଃଙ୍କ କୃପା ହାସଲ କରିବା ସକାଶେ ହିଁ କରିଥାଅ । କାରଣ ତାହାର ଲାଭ ତୁମ୍ଭମାନଙ୍କୁ ହିଁ ପ୍ରାପ୍ତ ହେବ ଏବଂ ଯାହା କିଛି ବିଶୁଦ୍ଧ ଧନ ତୁମେମାନେ ବ୍ୟୟ କରିବ ତାହା ତୁମମାନଙ୍କୁ ସଂପୂର୍ଣ୍ଣ ରୂପେ ଫେରସ୍ତ ଦିଆଯିବ ଓ ତୁମମାନଙ୍କ ପ୍ରତି ଅତ୍ୟାଚାର କରାଯିବ ନାହିଁ ।

## ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ** ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

**ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ [ଅ.ବ] କୁହନ୍ତି: "କିଶ୍‌ତି ନୁହ୍ ପୁସ୍ତକରେ ଆମମାନଙ୍କ ଶିକ୍ଷା ସମ୍ବନ୍ଧିତ ଯେଉଁ ଅଂଶଗୁଡ଼ିକ ରହିଛି ସେହି ଅଂଶଗୁଡ଼ିକୁ ପ୍ରତ୍ୟେକ ଅହମଦିକୁ ପାଠ କରିବା ଉଚିତ୍ । କେବଳ ଅଂଶ ନୁହେଁ ବରଂ ସମଗ୍ର କିଶ୍‌ତି ନୁହ୍ ପୁସ୍ତକ ପାଠ କରିବା ଉଚିତ୍।"**

## ହଜ୍‌ରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ହ. ମସିହ୍ ମଉଦ୍ ଅ.ସ କହିଲେ, ଏହି ପିଲାତୁସ୍ (କ୍ୟାପ୍ଟେନ୍ ଡଗଲସ୍) ମସିହ୍ ଇବ୍‌ନେ ମରିୟମ୍‌ଙ୍କ ପିଲାତୁସ୍ ତୁଳନାରେ ଅପେକ୍ଷାକୃତ ସର୍ବାଧିକ ସଚ୍ଚରିତ୍ରବାନ୍ ସାବ୍ୟସ୍ତ ହେଲା । କାରଣ ଅଦାଲତ୍ ପ୍ରସଙ୍ଗରେ ସେ ଅତ୍ୟନ୍ତ ସାହସିକତା ଏବଂ ଅବିଚଳତା ମାଧ୍ୟମରେ ନିୟମାନୁବର୍ତ୍ତୀ ହୋଇ ରହିଲା । ଉପରିସ୍ଥ ଅଧିକାରୀଙ୍କ ସୁପାରିଶକୁ ସେ କିଛି ବି ଭୃକ୍ଷେପ କଲା ନାହିଁ ଏବଂ ଜାତୀୟ ଏବଂ ଧାର୍ମିକ ବିଚାରଧାରା (ଚେତନା) ମଧ୍ୟ ତା' ମଧ୍ୟରେ କୌଣସି ପରିବର୍ତ୍ତନ ସୃଷ୍ଟି କରି ପାରିଲା ନାହିଁ । ସେ ଅଦାଲତ୍ ସହିତ ସମପାଦ ହେବାରୁ ଏପରି ଉତ୍କୃଷ୍ଟ ଉଦାହରଣ ପ୍ରଦର୍ଶନ କଲା ଯେ, ଯଦି ତା'ର ଅସ୍ତିତ୍ୱକୁ ଜାତିର ଗୌରବ ଏବଂ ସରକାରଙ୍କ ନିମନ୍ତେ ଆଦର୍ଶ ଏବଂ ଉଦାହରଣ ବୋଲି ମନେକରାଯାଏ ତେବେ ମଧ୍ୟ ଅନୁଚିତ୍ ଓ ଅସଙ୍ଗତ ହେବ ନାହିଁ ।**

ହୁଜୁର ଅ.ସ କୁହନ୍ତି: "ମୋ ଉପରେ (ବିରୁଦ୍ଧରେ) ଯେଉଁ ମକଦ୍ଦମା ଦାଏର୍ ହୋଇଛି ତାହା (ସେହି ମୁକଦ୍ଦମା) ହ. ଇସା ଅ.ସଙ୍କ ଉପରେ (ବିରୁଦ୍ଧରେ) ଦାଏର୍ ହୋଇଥିବା ମକଦ୍ଦମା ଅପେକ୍ଷା ଅତି ଭୟଙ୍କର ମକଦ୍ଦମା ଥିଲା । କାରଣ ହ. ଇସା ଅ.ସଙ୍କ ଉପରେ ଯେଉଁ ମକଦ୍ଦମା ଦାଏର୍ ହୋଇଥିଲା ତାହାର କାରଣ ଏକ ଧାର୍ମିକ ମତଭେଦ ଥିଲା । ସେହି ମକଦ୍ଦମା ବିଚାରପତି ନିକଟରେ ଏକ ତୁଚ୍ଛ କଥା ଥିଲା । ଏହାଠୁ ବେଶି ଆଉ କିଛି ବି ନଥିଲା । କିନ୍ତୁ ମୋ ଉପରେ ଯେଉଁ ମକଦ୍ଦମା ଦାଏର୍ ହୋଇଛି ତାହା ହତ୍ୟା କରିବା ନିମନ୍ତେ ଆଗକୁ ଅଗ୍ରସର ହେବାର ଦାବି ଥିଲା । ଯେପରିକି ହ. ଇସା ଅ.ସଙ୍କ ମକଦ୍ଦମାରେ ଇହୁଦୀ ମୌଲବୀମାନେ ଯାଇ ହ. ଇସା ଅ.ସଙ୍କ ବିରୁଦ୍ଧରେ ସାକ୍ଷ୍ୟ ପ୍ରଦାନ କରିଥିଲେ । ତେଣୁ ଏହା ଆବଶ୍ୟକ ଥିଲା କି ଏହି ମକଦ୍ଦମାରେ (ଅର୍ଥାତ୍ ମୋ ବିରୁଦ୍ଧରେ ଯେଉଁ ମକଦ୍ଦମା ଦାଏର୍ ହୋଇଛି) ମଧ୍ୟ କେହି ଜଣେ ମୌଲବୀ ମୋ ବିରୁଦ୍ଧରେ ସାକ୍ଷ୍ୟ ଦେଇଥାଆନ୍ତା । ତେଣୁ ଉକ୍ତ କାର୍ଯ୍ୟ ସକାଶେ ଅଲ୍ଲାଃତାଲା ମୌଲବୀ ମୁହମ୍ମଦ୍ ହୁସୈନ୍ ବଟାଲ୍‌ୱୀକୁ ମନୋନୀତ କଲେ । ମୌଲବୀ ମୁହମ୍ମଦ ହୁସୈନ୍ ବଟଲ୍‌ୱୀ ଏକ ବିଶେଷ ପ୍ରକାରର ଲମ୍ବା ବସ୍ତ୍ର ପରିଧାନ (ପିନ୍ଧି) ସାକ୍ଷ୍ୟ ଦେବା ନିମନ୍ତେ ଅଦାଲତ୍‌କୁ ଆସିଥିଲା । ଯେପରି କାହିନ୍‌ର ଅଧିପତି (ଜ୍ୟୋତିଷ ବା ଭବିଷ୍ୟବକ୍ତା) ହ. ଇସା ଅ.ସଙ୍କୁ ଶୂଳିର ଶାସ୍ତି ପ୍ରଦାନ କରାଇବା ନିମନ୍ତେ ଅଦାଲତ୍‌କୁ ସାକ୍ଷ୍ୟ ଦେବା ନିମନ୍ତେ ଆସିଥିଲା । ତେଣୁ ମୌଲବୀ ମୁହମ୍ମଦ ହୁସୈନ୍ ବଟାଲ୍‌ୱୀ ମଧ୍ୟ ମୋତେ (ହ. ମସିହ୍ ମଉଦ୍ ଅ.ସଙ୍କୁ) ଶାସ୍ତି ପ୍ରଦାନ କରାଇବା ନିମନ୍ତେ ଅଦାଲତ୍‌ରେ ଉପସ୍ଥିତ ଥିଲା । କିନ୍ତୁ ପାର୍ଥକ୍ୟ କେବଳ ଏତିକି ଯେ, କାହିନ୍‌ମାନଙ୍କର ଅଧିତିକୁ ପିଲାତୁସର ଦରବାରରେ ଚୌକି ମିଳୁଥିଲା। କାରଣ ଇହୁଦୀମାନଙ୍କର ସମ୍ମାନସ୍ପଦ ଲୋକମାନଙ୍କୁ ରୋମୀୟ ଶାସନ କାଳରେ ଚୌକି ମିଳୁଥିଲା ଏବଂ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଅନ୍‌ରେରୀ ମାଜିଷ୍ଟ୍ରେଟ୍ ମଧ୍ୟ ଥିଲେ । ସେଇଥି ପାଇଁ କାହିନ୍ ଅଧିପତିକୁ ଅଦାଲତ୍‌ର ନିୟମାନୁଯାୟୀ ଚୌକି ପ୍ରାପ୍ତ ହୋଇଥିଲା ଏବଂ ମସିହ୍ ଇବ୍‌ନେ ମରିୟମ୍ ଜଣେ ଅଭିଯୁକ୍ତ ଏବଂ ଦୋଷୀ ରୂପେ ଅଦାଲତ୍‌ରେ ଛିଡ଼ା ହୋଇଥିଲା । କିନ୍ତୁ ମୋର ମକଦ୍ଦମାରେ ତା' ବୀପରୀତ (ଓଲଟ) ହୋଇଥିଲା । ଅର୍ଥାତ୍ ଶତ୍ରୁମାନଙ୍କ ଆଶା ବିରୁଦ୍ଧୀୟ କ୍ୟାପ୍ଟେନ୍ ଡଗ୍‌ଲସ୍ ଯେକି ପିଲାତୁସ୍ ସ୍ଥାନରେ ଅଦାଲତ୍‌ର ମୁଖ୍ୟ ବିଚାରପତି ଆସନରେ ଆସୀନ ଥିଲା, ସେ ବସିବା ନିମନ୍ତେ ମୋତେ ଚୌକି ପ୍ରଦାନ କରିଦେଲା । ହ. ମସିହ୍ ମଉଦ୍ ଅ.ସ କହିଲେ, ଏହି ପିଲାତୁସ୍ (କ୍ୟାପ୍‌ଟେନ୍ ଡଗ୍‌ଲସ୍) ମସିହ୍ ଇବ୍‌ନେ ମରିୟମ୍‌ଙ୍କ ପିଲାତୁସ୍ ତୁଳନାରେ ଅପେକ୍ଷାକୃତ ସର୍ବାଧିକ ସଚ୍ଚରିତ୍ରବାନ ସାବ୍ୟସ୍ତ ହେଲା । କାରଣ ଅଦାଲତ୍ ପ୍ରସଙ୍ଗରେ ସେ ଅତ୍ୟନ୍ତ ସାହସିକତା ଏବଂ ଅବିଚଳତା ମାଧ୍ୟମରେ ନିୟମାନୁବର୍ତ୍ତୀ ହୋଇ ରହିଲା । ଉପରିସ୍ଥ ଅଧିକାରୀଙ୍କ ସୁପାରିଶ୍‌କୁ ସେ କିଛି ବି ଭୃକ୍ଷେପ କଲା ନାହିଁ ଏବଂ ଜାତୀୟ ତଥା ଧାର୍ମିକ ବିଚାରଧାରା (ଚେତନା) ମଧ୍ୟ ତା' ମଧ୍ୟରେ କୌଣସି ପରିବର୍ତ୍ତନ ସୃଷ୍ଟି କରି ପାରିଲା ନାହିଁ । ସେ ଅଦାଲତ୍ ସହିତ ସମପାଦ ହେବାରୁ ଏପରି ଉତ୍କୃଷ୍ଟ ଉଦାହରଣ ପ୍ରଦର୍ଶନ କଲା ଯେ, ଯଦି ତା'ର ଅସ୍ତିତ୍ୱକୁ ଜାତିର ଗୌରବ ଏବଂ ସରକାରଙ୍କ ନିମନ୍ତେ ଆଦର୍ଶ ଏବଂ ଉଦାହରଣ ବୋଲି ମନେକରାଯାଏ ତେବେ ମଧ୍ୟ ଅନୁଚିତ୍ ଓ ଅସଙ୍ଗତ ହେବ ନାହିଁ ।"

ହୁଜୁର ଅ.ସ କୁହିଲେ: "ଅଦାଲତ୍ (ନ୍ୟାୟାଳୟ) ଏକ ଅତ୍ୟନ୍ତ କଷ୍ଟକର ପ୍ରସଙ୍ଗ ଅଟେ । ଯେପର୍ଯ୍ୟନ୍ତ ମନୁଷ୍ୟ ସମସ୍ତ ସଂପର୍କରୁ ଭିନ୍ନ ଓ ମୁକ୍ତ ହୋଇ ଅଦାଲତ୍‌ର ଚୌକି ଅର୍ଥାତ ଆସନରେ ଆସୀନ ହୋଇ ନାହିଁ ସେପର୍ଯ୍ୟନ୍ତ ସେ ଉକ୍ତ ଦାୟିତ୍ୱକୁ ସଠିକ୍ ଭାବରେ ନିର୍ବାହ କରିପାରିବ ନାହିଁ । ଯେପର୍ଯ୍ୟନ୍ତ ମନୁଷ୍ୟ ସମସ୍ତ ସଂପର୍କରୁ ଭିନ୍ନ ହୋଇ ଅଦାଲତର ଆସନ୍‌ରେ (ବିଚାରପତିଙ୍କ ଆସନରେ) ବସି ଯାଇ ନାହିଁ ସେପର୍ଯ୍ୟନ୍ତ ସେ ଉକ୍ତ କର୍ତ୍ତବ୍ୟକୁ ସଠିକ୍ ଭାବରେ ସମ୍ପାଦନ (ନିର୍ବାହ) କରିପିରାବି ନାହିଁ । ଯଦିଓ ପ୍ରଥମ ପିଲାତୁସ୍ ରୋମୀୟ ବ୍ୟକ୍ତି ଥିଲା । ସେ ଉକ୍ତ ଦାୟିତ୍ୱକୁ ସଠିକ୍ ଭାବରେ ନିର୍ବାହ କରିପାରିଲା ନାହିଁ ଏବଂ ତା'ର ଭୀରୁତା ମସିହ୍ ଅ.ସଙ୍କୁ (ଯୀଶୁ ଖ୍ରୀଷ୍ଟଙ୍କୁ) ନାନା ଯନ୍ତ୍ରଣାର ଶରବ୍ୟ କଲା । ଉକ୍ତ ପାର୍ଥକ୍ୟଟି ଆମ ଜମାଅତ୍‌ରେ ସର୍ବଦା ଚର୍ଚ୍ଚା ଯୋଗ୍ୟ ଅଟେ । ଯେପର୍ଯ୍ୟନ୍ତ ଏହି ପୃଥିବୀ ତିଷ୍ଠି ରହିଛି ଏବଂ ଯେମିତି ଯେମିତି ମୋର ଏହି ଜମାଅତର ସଂଖ୍ୟା ଲକ୍ଷ ଓ କୋଟି ପର୍ଯ୍ୟନ୍ତ ପହଞ୍ଚିଯିବ ସେହିପରି ଏହି ବିଚାରପତିଙ୍କ ଚର୍ଚ୍ଚା ଅବ୍ୟାହତ ରହିବ । ଏହା ହେଉଛି ସେହି ବିଚାରପତିଙ୍କ ସୌଭାଗ୍ୟ ଯେ, ଈଶ୍ୱର ସେହି କାର୍ଯ୍ୟ ନିମନ୍ତେ ତା'କୁ ଚୟନ କଲେ । ଜଣେ ବିଚାରପତିଙ୍କ ନିମନ୍ତେ ଏହା କେତେ ବଡ଼ ଅଗ୍ନି ପରୀକ୍ଷାର ଅବସର ଅଟେ । ଅର୍ଥାତ୍ ଦୁଇ ପକ୍ଷ ତା' ପାଖକୁ ଆସିବେ । ଉଭୟ ପକ୍ଷଙ୍କ ମଧ୍ୟରୁ ଜଣେ ତାଙ୍କରି ଧର୍ମାବଲମ୍ବୀ ଅର୍ଥାତ୍ ମିଶ୍‌ନାରୀ ଅଟେ ଓ ଆଉ ଜଣେ ଅର୍ଥାତ୍ ପ୍ରତିପକ୍ଷ ହେଉଛି ସେହି ବ୍ୟକ୍ତି ଯିଏ ତାଙ୍କ ଧର୍ମର ପରିପନ୍ଥୀ ଅଟେ । ସେହି ବିଚାରପତିଙ୍କ ସମ୍ମୁଖରେ ଏହା ବର୍ଣ୍ଣନା କରାଗଲା କି ପ୍ରତିପକ୍ଷ ହେଉଛି ଖ୍ରୀଷ୍ଟ ଧର୍ମର ବିରୋଧୀ । କିନ୍ତୁ ସେହି ସାହସୀ ପିଲାତୁସ୍ ଉକ୍ତ ପରୀକ୍ଷାକୁ ଅତ୍ୟନ୍ତ ଅବିଚଳତାର ସହିତ ସହ୍ୟ କଲା । ସେହି ବିଚାରପତିଙ୍କୁ ମକଦ୍ଦମା କରିଥିବା ବ୍ୟକ୍ତି ଏହା ଦେଖାଇଲା କି ମାଇଁଲର୍ଡ (ବିଚାରପତି) ମିର୍ଜା ଗୁଲାମ୍ ଅହମଦ୍

ନିଜ ପୁସ୍ତକରେ ଖ୍ରୀଷ୍ଟ ଧର୍ମ ସଂପର୍କରେ ଅତ୍ୟନ୍ତ କଠୋର (କ୍ରୂର) ଶବ୍ଦ ପ୍ରୟୋଗ କରିଛନ୍ତି ଏବଂ ଏକ ବିରୋଧାତ୍ମକ ଆହ୍ୱାନ୍ ଉକ୍ତ ପୁସ୍ତକର ଦିଆଯାଇଛି। ହୁଜୁର ଅ.ସ କହିଲେ, ସେହି ପୁସ୍ତକରେ ଯେଉଁ ଶବ୍ଦ ପ୍ରୟୋଗ ହୋଇଛି ତାହାକୁ ଖ୍ରୀଷ୍ଟିଆନ୍‌ମାନେ ନିଜର ସ୍ୱଳ୍ପ ବୋଧ ହେତୁ ଏପରି କଥା ବିଚାରପତିଙ୍କ ସମ୍ମୁଖରେ କହିଛନ୍ତି। ହୁଜୁର ଅ.ସ କହିଲେ, କିନ୍ତୁ ତା'ର (ବିଚାରପତିର) ଚେହେରାରେ କୌଣସି ପରିବର୍ତ୍ତନ ସୃଷ୍ଟି ହେଲା ନାହିଁ । କାରଣ ସେ ନିଜର ଜାଜୁଲ୍ୟ କନ୍‌ସେନସ୍ ଯୋଗୁଁ ସତ୍ୟ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା । ସେହି ଜଜ୍ ମକଦ୍ଦମାର ବାସ୍ତବତାକୁ ସହୃଦୟ ହୋଇ ସନ୍ଧାନ କଲା। ସେହିଇଥି ପାଇଁ ଅଲ୍ଲାଃତାଲା ତା'କୁ ସାହାଯ୍ୟ କଲେ ଏବଂ ତା' ହୃଦୟରେ ସତ୍ୟର ଐଶୀବାଣୀ ଅବତୀର୍ଣ୍ଣ କଲେ ଓ ତା' ସମ୍ମୁଖରେ ବାସ୍ତବତା ଉନ୍ମୋଚିତ କରି ଦିଆଗଲା(ଖୋଲି ଦିଆଗଲା) ସେ ଏହି ବାସ୍ତବତାକୁ ଜାଣି ଅତ୍ୟନ୍ତ ପ୍ରସନ୍ନ ହେଲା । କାରଣ ନ୍ୟାୟର ମାର୍ଗ ତା'କୁ ଦୃଶ୍ୟମାନ ହୋଇଯାଇଥିଲା ।''

ହୁଜୁର ଅ.ସ କହିଲେ, ସେହି ବିଚାରପତି ନ୍ୟାୟ ଦୃଷ୍ଟିରୁ ମୁଦ୍ଦଇ (ଦାବିକର୍ତ୍ତା) ବିରୁଦ୍ଧରେ ବସିବା ପାଇଁ ଆସନ୍ (ଚୌକି) ପ୍ରଦାନ କଲା । କିନ୍ତୁ ମୌଲବୀ ମୁହମ୍ମଦ ହୁସୈନ୍ ବଟାଲ୍‌ୱୀ ଯିଏ କାହିନ୍‌ର ଅଧିପତିଙ୍କ ପରି ସାକ୍ଷ୍ୟ ଦେବା ନିମନ୍ତେ ନ୍ୟାୟାଳୟକୁ ଆସିଥିଲା ଏବଂ ମୋତେ (ହ. ମସିହ୍ ମଉଦ୍ ଅ.ସଙ୍କୁ) ଯେତେବେଳେ ଚୌକି ଉପରେ ବସିଥିବାର ଦେଖିବାକୁ ପାଇଲା ସେତେବେଳେ ସେ ଆଶ୍ଚର୍ଯ୍ୟ ଚକିତ ହୋଇଗଲା। ଯେଉଁ ତିରସ୍କାରକୁ ସେ ମୋ ନିମନ୍ତେ ଦେଖିବା ପାଇଁ ଆସିଥିଲା, ଯେଉଁ ତିରସ୍କାରକୁ ସେ ନିଜ ଚକ୍ଷୁରୁ ଦେଖିବା ନିମନ୍ତେ ଇଚ୍ଛୁକ ତଥା ଅଭିଳାଷୀ ଥିଲା ସେହି ତିରସ୍କାରକୁ ସେ ଦେଖି ନପାରି ସାମ୍ୟତାକୁ ଉଚିତ୍ ବୋଲି ମନେକରି ସେ ମଧ୍ୟ ସେହି ପିଲାତୁସ୍ ଅର୍ଥାତ୍ ବିଚାରପତିଙ୍କ ଠାରୁ ଚୌକି ନିମନ୍ତେ ଅଭିଳାଷୀ ଓ ଇଚ୍ଛା ପ୍ରକାଶ କଲା । କିନ୍ତୁ ପିଲାତୁସ୍ ଅର୍ଥାତ୍ ବିଚାରପତି ତା'କୁ ଭର୍ତ୍ସନା (ପାଟିକଲା) କଲା ଏବଂ ରୁଷ୍ଟ କଣ୍ଠରେ କହିଲା, ହେ ବ୍ୟକ୍ତି ! ତୋତେ ତୋର ପିତାକୁ କେବେ ବି ଆସନ (ଚୌକି) ମିଳି ନାହିଁ । ଆମ କାର୍ଯ୍ୟାଳୟରେ ତୁମ ନିମନ୍ତେ ଚୌକି ବ୍ୟବସ୍ଥା କରିବାର କୌଣସି ନିର୍ଦ୍ଦେଶ ମିଳି ନାହିଁ। ହୁଜୁର ଅ.ସ କହିଲେ: ''ବର୍ତ୍ତମାନ ଉକ୍ତ ଫରକ୍ ମଧ୍ୟ ବିଚାରଯୋଗ୍ୟ ଯେ, ହ. ଇସା ଅ.ସଙ୍କ କାଳରେ ଥିବା ପିଲାତୁସ୍ ଭୟଭୀତ ହୋଇ ଇହୁଦୀମାନଙ୍କର ସମ୍ମାନସ୍ପଦ ବ୍ୟକ୍ତିମାନଙ୍କୁ ବସିବା ନିମନ୍ତେ ଚୌକି ପ୍ରଦାନ କରିଦେଲା ଏବଂ ହ. ଇସା ଅ.ସ ଦୋଷୀ ରୂପେ ତା' ସମ୍ମୁଖରେ ଉପସ୍ଥାପିତ ହୋଇଥିଲେ ଏବଂ ପିଲାତୁସ୍ ଆଗରେ ଦୋଷୀ ରୂପେ ତାଙ୍କୁ ଛିଡ଼ା କରାଯାଇଥିଲା । ହ. ଇସା ଅ.ସଙ୍କୁ ବସିବା ନିମନ୍ତେ କୌଣସି ଆସନ କିମ୍ବା ଚୌକି ମିଳି ନଥିଲା । କିନ୍ତୁ ସେହି ପିଲାତୁସ୍ ସତ୍ୟ ହୃଦୟର ସହିତ ହ. ଇସା ଅ.ସଙ୍କ ହିତୈଷୀ ଓ ଶୁଭେଚ୍ଛୁ ଥିଲା । କେବଳ ସେତିକି ନୁହେଁ ସେହି ପିଲାତୁସ୍ ଇସା ଅ.ସଙ୍କ ଅନୁଗାମୀଙ୍କ ପରିଥିଲା । ପିଲାତୁସ୍‌ର ପତ୍ନି ହ. ଇସା ଅ.ସଙ୍କର ବିଶେଷ ଅନୁଗାମୀନୀ ଥିଲା । ତେଣୁ ପିଲାତୁସ୍‌ର ପତ୍ନି ସାଧ୍ୱୀ ମହିଳା ବୋଲାଏ । କିନ୍ତୁ ଭୟ ସେହି ପିଲାତୁସ୍ ଠାରୁ ଏପରି କୃତ୍ୟ ସମ୍ପାଦନ କରାଇଦେଲା ଯେ, ଅକାରଣରେ ନିର୍ଦ୍ଦୋଷ ହ. ଇସା ଅ.ସଙ୍କୁ ପିଲାତୁସ୍ ଇହୁଦୀମାନଙ୍କୁ ହସ୍ତାନ୍ତର କରିଦେଲା। ଆପଣ ଅ.ସ କୁହନ୍ତି,''ମୋ ଉପରେ ଯେଉଁ ରକ୍ତ ଅର୍ଥାତ୍ ହତ୍ୟାକାରୀର ଦୋଷ ଆରୋପଣ କରାଯାଇଥିଲା ସେହି ଦୋଷ ହ. ଇସା ଅ.ସଙ୍କ ଉପ୍‌ରେ ଆରୋପଣ କରାଯାଇ ନଥିଲା । ସେ ଦୋଷୀ ନଥିଲେ । ହ. ଇସା ଅ.ସ ହତ୍ୟାକାରୀ ନଥିଲେ । କେବଳ ସାମାନ୍ୟ ଧାର୍ମିକ ମତଭେଦ ରହିଥିଲା । କିନ୍ତୁ ସେହି ରୋମୀୟ ପିଲାତୁସ୍ ଅତ୍ୟନ୍ତ ଦୁର୍ବଳ ଥିଲା । ତା'ର ହୃଦୟ ସଶକ୍ତ ନଥିଲା। ସେ ଉକ୍ତ କଥାକୁ ଶୁଣି ଭୟଭୀତ ହୋଇଗଲା ଯେ, କୈସର୍ ପାଖରେ ତା' ବିରୁଦ୍ଧରେ ଅଭିଯୋଗ କରାଯିବ।''

ପୁନଶ୍ଚ ପୂର୍ବ ପିଲାତୁସ୍ ଏବଂ ଏହି ପିଲାତୁସ୍ ମଧ୍ୟରେ ଆଉ ଏକ ସାମଞ୍ଜସ୍ୟତା ସ୍ମରଣଯୋଗ୍ୟ ଯେ, ପୂର୍ବ ପିଲାତୁସର ଅଦାଲତରେ ଯେଉଁ ମସିହ୍ ଇବ୍‌ନେ ମରିୟମଙ୍କୁ ଉପସ୍ଥାପିତ କରାଯାଇଥିଲା ସେହି ପିଲାତୁସ୍ ଇହୁଦୀମାନଙ୍କୁ କହିଥିଲା ଯେ, ହେ ଇହୁଦୀମାନେ ! ମୁଁ ତ' ଏହି ବ୍ୟକ୍ତି ମଧ୍ୟରେ କୌଣସି ପାପ ଦେଖୁ ନାହିଁ । ଠିକ୍ ସେହିପରି ଯେତେବେଳେ ଶେଷ ମସିହ୍ (ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ) ପିଲାତୁସ୍ (ବିଚାରପତି) ସମ୍ମୁଖରେ ଉପସ୍ଥାପିତ ହେଲା ସେହି ମସିହ୍ (ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ) ଜଜ୍ ଆଗରେ କହିଲା, ଜଜ୍ ସାହେବ ! ମୋତେ ଉତ୍ତର ରଖିବା ନିମନ୍ତେ କିଛି ଦିନ ପାଇଁ ମହଲତ୍ (ସମୟ) ଦିଆଯାଉ । କାରଣ ମୋ ଉପରେ ହତ୍ୟାର ଅରୋପ ଲାଗିଛି । ସେତେବେଳେ ଶେଷ ପିଲାତୁସ୍ (ଜଜ୍) କହିଲା, ମହୋଦୟ ! ମୁଁ ଆପଣଙ୍କ ଉପରେ କୌଣସି ଆରୋପ ଲଗାଉ ନାହିଁ । ଅତଏବ୍ ଉକ୍ତ କଥନଟି ଉଭୟ ପିଲାତୁସ୍ ଅର୍ଥାତ୍ ପୂର୍ବ ପିଲାତୁସ୍ ଏବଂ ଏହି ପିଲାତୁସ୍ ଅର୍ଥାତ୍ ଜଜ୍ ସାହେବଙ୍କ କଥା ସହିତ ସମାନ ଅଟେ । ପାର୍ଥକ୍ୟ କେବଳ ଏତିକି ଯେ, ପୂର୍ବ ପିଲାତୁସ୍ ନିଜ କଥାରେ କାଏମ୍ (ବଳବତ୍ତର) ରହିପାରିଲା ନାହିଁ । ଯେତେବେଳେ ତା'କୁ କୁହାଗଲା (ଇହୁଦୀମାନେ ପୂର୍ବ ପିଲାତୁସ୍‌କୁ କହିଲେ) କି ଆମେମାନେ କୈସର୍ ସମ୍ମୁଖରେ ତୁମ ବିରୋଧରେ ଅଭିଯୋଗ କରିବୁ । ସେତେବେଳେ ସେହି ପୂର୍ବ ପିଲାତୁସ୍ ଭୟଭୀତ ହୋଇଗଲା ଏବଂ ହ. ଇସା ଅ.ସଙ୍କୁ ସେ ନୃଶଂସ ଇହୁଦୀମାନଙ୍କୁ ହସ୍ତାନ୍ତର କରିଦେଲା । ପିଲାତୁସ୍ ହ. ଇସା ଅ.ସଙ୍କୁ ଇହୁଦୀମାନଙ୍କୁ ହସ୍ତାନ୍ତର କରିଦେବା ପରେ ଦୁଃଖିତ ଥିଲା ଓ ତା'ର ପତ୍ନି ମଧ୍ୟ ଦୁଃଖିତ ଥିଲା । କାରଣ ଦୁହେଁ ଅର୍ଥାତ୍ ପିଲାତୁସ୍ ଓ ତା'ର ପତ୍ନି ହ. ଇସା ମସିହ୍‌ଙ୍କର ନିବିଡ଼ ଅନୁଗାମୀ ଓ ବିଶ୍ୱାସକାରୀ ଥିଲେ । କିନ୍ତୁ ଇହୁଦୀମାନଙ୍କର ପାଟିତୁଣ୍ଡକୁ ଦେଖି କାପୁରଷତା ତା'ଉପରେ କାୟା ବିସ୍ତାର କରିଥିଲା କିନ୍ତୁ ସେ ଗୁପ୍ତ ରୂପେ ଖୁବ୍ ଚେଷ୍ଟା କଲା କି ହ. ଇସାଙ୍କ ପ୍ରାଣ ଶୂଳିରୁ ବର୍ତ୍ତିଯାଉ ଓ ଏହି ଯୋଜନାରେ ସେ ସଫଳ ମଧ୍ୟ ହୋଇଗଲା । କିନ୍ତୁ ଏହାପରେ ହ. ଇସା ଅ.ସଙ୍କୁ ଶୂଳି ଦିଆଗଲା ଏବଂ ଅତ୍ୟନ୍ତ ଗଭୀର ଭାବରେ ସେ ମର୍ମାହତ ହୋଇ ନିସ୍ତେଜ ହୋଇଗଲା । ଏପରି ପ୍ରତିତ ହେଉଥିଲା ଯେପରିକି ତାହା ମୃତ୍ୟୁ ହିଁ ଥିଲା। ଅର୍ଥାତ୍ ତା'ର ମୃତ୍ୟୁ ଘଟିଥିଲା । ସେ ଯହା ହେଉ ରୋମୀୟ ପିଲାତୁସ୍‌ର ଉଦ୍ୟମ ବଳରେ ମସିହ୍ ଇବ୍‌ନେ ମରିୟମ୍‌ଙ୍କ ପ୍ରାଣ ବର୍ତ୍ତିଗଲା । ପ୍ରାଣ ବର୍ତ୍ତିବା ନିମନ୍ତେ ହ. ଇସା ଅ.ସଙ୍କ ପ୍ରାର୍ଥନା ସ୍ୱୀକୃତ ହୋଇ ସାରିଥିଲା । (ଦେଖି ଇବ୍ରାନୀ, ବାବ୍-5, ଆୟତ୍-7)☆**(କିଶତି ନୁହ୍, ରୁହାନୀ ଖଜାଏନ୍, ଭାଗ-19, ପୃ-55-57)**

☆ ହ. ଇସା ଅ.ସ ସ୍ୱୟଂ ଏହି ଭବିଷ୍ୟବାଣୀ କରିଥିଲେ ଯେ, ଇହୁଦୀମାନଙ୍କୁ ହ. ୟୁନୁସ୍ ଅ.ସଙ୍କ ନିଦର୍ଶନ ବ୍ୟତୀତ ଅନ୍ୟ କୌଣସି ନିଦର୍ଶନ ଦେଖାଇ ଦିଆଯିବ ନାହିଁ । ଅତଏବ୍ ହ. ଇସା ଅ.ସ ନିଜର ଉପରୋକ୍ତ କଥନରେ ଏହି ଇଙ୍ଗିତ କରିଥିଲେ ଯେ, ଯେପରି ହ. ୟୁନୁସ୍ ଅ.ସ ମାଛ ପେଟକୁ ଜୀବନ୍ତ ପ୍ରବେଶ କରିଥିଲେ ଓ ଜୀବନ୍ତ ରୂପେ ମାଛ ପେଟରୁ ବାହାରିଥିଲେ । ଠିକ୍ ସେହିପରି ମୁଁ (ହ. ଇସା ଅ.ସ) ମଧ୍ୟ କବର୍ ମଧ୍ୟକୁ ଜୀବନ୍ତ ପ୍ରବେଶ କରିବି ଓ କବରରୁ ଜୀବନ୍ତ ବାହାରିବି । ଅତଏବ୍ ଉକ୍ତ ନିଦର୍ଶନଟି କିପରି ସଂପୂର୍ଣ୍ଣ ହୋଇପାରି ଥାଆନ୍ତା ଯେ, ହ. ମସିହ୍ (ଯୀଶୁଖ୍ରୀଷ୍ଟ) ଅ.ସଙ୍କୁ ଜୀବନ୍ତ ରୂପେ ଶୂଳିରୁ ଓହ୍ଲାଇ ଦିଆଯାଇଥାଆନ୍ତା ଏବଂ କବର ମଧ୍ୟକୁ ଜୀବନ୍ତ ପ୍ରବେଶ କରାଯାଇଥାଆନ୍ତା । ଯେପରି ହ. ଇସା ଅ.ସ କହିଥିଲେ ଯେ, ଇହୁଦୀମାନଙ୍କୁ ୟୁନୁସ୍ ନବୀଙ୍କ ନିଦର୍ଶନ ପରି ନିଦର୍ଶନ ବ୍ୟତୀତ ଅନ୍ୟ କୌଣସି ନିଦର୍ଶନ ସେମାନଙ୍କୁ ଦୃଶ୍ୟମାନ ହେବ ନାହିଁ । ଉକ୍ତ ବାକ୍ୟାଂଶରେ ହ. ଇସା ଅ.ସ ସେହି ଇହୁଦୀମାନଙ୍କ କଥାକୁ ଖଣ୍ଡନ କରିଛନ୍ତି । ଅର୍ଥାତ୍ ଯେଉମାନେ ଏକଥା କହୁଥିଲେ ଯେ, ମସିହ୍ ଇବ୍‌ନେ ମରିୟମ୍ ଅମକ ନିଦର୍ଶନ ଦେଖାଇଲେ ଯେ, ସେ ଆକାଶ ଉପରେ ଚଢିଗଲେ । ଅର୍ଥାତ୍ ଆକାଶ ଲୋକକୁ ଗମନ କଲେ । ସମାପ୍ତ । ପ୍ରକାଶ କଲେ ଯାହାର କୌଣସି ଦୃଷ୍ଟାନ୍ତ ମିଳେ ନାହିଁ । ☆--☆--☆

## ବିଗତ ସଂଖ୍ୟା-31, ପୃ-11ରେ ବର୍ଣ୍ଣିତ ଖୁତ୍‌ବା 30 MAY 2025 ଜୁମାର ଅବଶିଷ୍ଟାଂଶ....

ହୁଜୁର ଅନୱର୍ ଅ.ବ କହିଲେ, ବର୍ତ୍ତମାନ ସଂସାରରେ ଆଜି ଆପଣମାନେ ଦେଖି ନିଅନ୍ତୁ ଯେ, ଜମାଅତ୍ ଅହମଦିୟା ହିଁ ଏକମାତ୍ର ଜମାଅତ୍ ଯିଏ ଏକ ବ୍ୟବସ୍ଥି ସହିତ ସଂଶ୍ଳୀଷ୍ଟ ଓ ଏକ ବ୍ୟବସ୍ଥାଜନିତ ହାରରେ ଗ୍ରଥିତ ହୋଇଛି । ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍ ସହିତ ସଂଶ୍ଳୀଷ୍ଟ ହେବା ଦ୍ୱାରା ଏବଂ ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ହେବା ଦ୍ୱାରା ଅଲ୍ଲାଃତାଲା ଲୋକମାନଙ୍କ ଉପରେ କୃପା କରୁଛନ୍ତି । ଏକଥା ଠିକ୍ ଯେ, ଶତ୍ରୁ ପକ୍ଷରୁ ଜମାଅତ୍ ଅହମଦିୟାରା ବିରୁଦ୍ଧରେ ଅସଂଖ୍ୟ ଅତ୍ୟାଚାର କରାଯାଉଛି । ବିଶେଷ କରି ପାକିସ୍ତାନରେ ଏବଂ ଅନ୍ୟ କେତେକ ଦେଶମାନଙ୍କରେ ଜମାଅତ୍ ପ୍ରତି ଏହି ଅମାନୁଷିକ ଓ ଅକଥନୀୟ ଅତ୍ୟାଚାର କରାଯାଉଛି। କିନ୍ତୁ ଅଲ୍ଲାଃତାଲାଙ୍କ କୃପାରୁ ସମସ୍ତେ ବିଶ୍ୱାସ ଉପରେ ଅବିଚଳ ଅଟନ୍ତି । ଏସବୁ ସତ୍ତ୍ୱେ ମଧ୍ୟ ଅହମଦିମାନେ ଉକ୍ତ କଥା ଉପରେ ଅବିଚଳ ଅଟନ୍ତି ଯେ, ଏହି କଷ୍ଟ ଏବଂ ନିର୍ଯାତନା ଆମମାନଙ୍କୁ ଆମମାନଙ୍କ ଧର୍ମରୁ ଓହରାଇ ଦେଇ ପାରିହବ ନାହିଁ । ଏହା ବଦଳରେ ଅଲ୍ଲାଃତାଲା ଆମାନଙ୍କ ଉପରେ ଏବଂ ଆମମାନଙ୍କ ସନ୍ତାନ ସନ୍ତତିଙ୍କ ଉପରେ ଯେଉଁ ପୁରସ୍କାର ବୃଷ୍ଟି କରୁଛନ୍ତି ତାହାର କେହି ବି ମୁକାବିଲା କରିପାରିବ ନାହିଁ । ପାକିସ୍ତାନରେ ଦେଖି ନିଅନ୍ତୁ ଯେ, 1974 ମସିହାରେ ଜମାଅତ୍ ଅହମଦିୟା ବିରୁଦ୍ଧରେ ଯେଉଁ ଉପଦ୍ରବ ସୃଷ୍ଟି ହେଲା । ସେସବୁ ସତ୍ତ୍ୱେ ଜମାଅତ୍ ଉନ୍ନତି କରି ଚାଲିଛି **(ଅବଶିଷ୍ଟାଂଶ.....ପୃ-10ରେ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ଓ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## (ଖୁତ୍‌ବା ଜୁମା)

ରସୁଲ୍ କରୀମ୍ ସ.ଅ କହିଲେ, ଆଜିର ଦିନ ତ' ଦୟା ଓ କରୁଣାର ଦିନ ଅଟେ । ଆଜି ଅଲ୍ଲାଃତାଲା ଖାନା କାଆବାକୁ ମର୍ଯ୍ୟାଦା ପ୍ରଦାନ କରିବେ ଓ ଅଲ୍ଲାଃତାଲା କୁରୈଶମାନଙ୍କୁ ପ୍ରକୃତ ସମ୍ମାନ ପ୍ରଦାନ କରିବେ ।

ଅବୁ ସୁଫିୟାନ୍ ସାହାବାମାନଙ୍କୁ ନବୀ କରୀମ୍ ସ.ଅଙ୍କ ପଛରେ ନମାଜ ପାଠ କରୁଥିବାର ଦେଖି କହିଲା, ହେ ଅବ୍‌ବାସ୍ ! ମୁଁ କିସର୍‌ର ଦରବାର ଦେଖିଛି ଓ କୈସ୍ରାର ଦରବାର ମଧ୍ୟ ଦେଖିଛି । କିନ୍ତୁ ମୁହମ୍ମଦ୍ ସ.ଅଙ୍କ ଜମାଅତ୍ (ସଂପ୍ରଦାୟ ଅର୍ଥାତ୍ ସାହାବାମାନେ) ଯେତେ ମୁହମ୍ମଦ ସ.ଅଙ୍କ ପାଇଁ ପାଗଳ ଥିଲେ ସେହିପରି ପାଗଳ ଜାତି (କୈସର୍ ଓ କିସ୍ରାର ପ୍ରଜାମାନେ)ଙ୍କୁ ସେମାନଙ୍କ (କୈସର୍ ଓ କିସ୍ରା ସମ୍ରାଟ୍) ନିମନ୍ତେ ପାଗଳ ପ୍ରାୟ ଥିବାର ଦେଖି ନାହିଁ।

ଆପଣ ସ.ଅ କହିଲେ,..........

ଯେଉଁ ବ୍ୟକ୍ତି ଅବୁ ସୁଫିୟାନ୍‌ର ଘରକୁ ଚାଲିଯିବ ଅର୍ଥାତ୍ ଅବୁ ସୁଫିୟାନ୍ ଘରେ ଯାଇ ଆଶ୍ରୟ ନେବ ତେବେ ସେହି ବ୍ୟକ୍ତିକୁ ମଧ୍ୟ ଶାନ୍ତି (ସୁରକ୍ଷା) ପ୍ରଦାନ କରାଯିବ । ଯେଉଁ ବ୍ୟକ୍ତି କାଆବାର ମସ୍‌ଜିଦ୍‌ରେ ପ୍ରବେଶ କରିଯିବ (ଅର୍ଥାତ୍ ଆଶ୍ରୟ ନେବ) ତେବେ ସେହି ବ୍ୟକ୍ତିକୁ ମଧ୍ୟ ଶାନ୍ତି (ସୁରକ୍ଷା) ପ୍ରଦାନ କରାଯିବ। ଯେଉଁ ବ୍ୟକ୍ତି ନିଜର ଅସ୍ତ୍ର ଶସ୍ତ୍ର ଫିଙ୍ଗିଦେବ ତେବେ ତାହାକୁ ମଧ୍ୟ ଶାନ୍ତି ପ୍ରଦାନ କରାଯିବ । ଯେଉଁ ବ୍ୟକ୍ତି ନିଜର ଦ୍ୱାର ବନ୍ଦ କରି ଘରେ ବସିଯିବ ତେବେ ସେହି ବ୍ୟକ୍ତିକୁ ମଧ୍ୟ ଶାନ୍ତି (ସୁରକ୍ଷା) ପ୍ରଦାନ କରାଯିବ । ଯେଉଁ ବ୍ୟକ୍ତି ହକିମ୍ ବିନ୍ ହିଜାମ୍‌ଙ୍କ ଘରକୁ ଚାଲିଯାଏ (ଅର୍ଥାତ୍ ଆଶ୍ରୟ ନିଏ) ତେବେ ସେହି ବ୍ୟକ୍ତିକୁ ମଧ୍ୟ ଶାନ୍ତି (ସୁରକ୍ଷା) ପ୍ରଦାନ କରାଯିବ ।

— — — — — — — — — — — — — — — — — — — —

ଆପଣ ସ.ଅ କହିଲେ,.......... "ହେ ସାହାବାମାନେ ବିଲାଲ୍ ର.ଅଙ୍କ ଧ୍ୱଜାକୁ ସଳଖ କରି ଛିଡ଼ାକର ଏବଂ ମକ୍କାର ସେହି ଅଧିପତିମାନଙ୍କୁ କହିଦିଅ ଯେଉଁମାନେ ନିଜର ଜୋତା ନେଇ ବିଲାଲଙ୍କ ଛାତି ଉପରେ ଚଢି ନାଚୁଥିଲେ, ଯେଉଁମାନେ ବିଲାଲଙ୍କ ଗୋଡ଼ରେ ଦଉଡ଼ି ବାନ୍ଧି ତାଙ୍କୁ ଘୋଷାରି ଘୋଷାରି ନେଉଥିଲେ, ଯେଉଁମାନେ ବିଲାଲ୍‌ଙ୍କୁ ଉତ୍ତପ୍ତ ବାଲି ଉପରେ ଓଲଟା ଶୁଆଇ ଦେଉଥିଲେ ସେହି ଲୋକମାନେ ନିଜର ପତ୍ନି ଓ ନିଜର ସନ୍ତାନମାନଙ୍କର ମଙ୍ଗଳ (ଜୀବନ) ଚାହୁଁଛନ୍ତି ତେବେ ସେମାନେ ବିଲାଲ୍ ର.ଅଙ୍କ ଧ୍ୱଜା ତଳେ ଚାଲି ଆସନ୍ତୁ ।

— — — — — — — — — — — — — — — — — — — —

ହୁଜୁର ର.ଅ (ହ. ମୁସଲେହ୍ ମଉଦ୍ ର.ଅ) କହିଲେ, ମୁଁ ଏହା ବୁଝୁଛି ଯେ, ଯେବେ ଠାରୁ ସଂସାରର ଉତ୍ପତ୍ତି (ସୃଷ୍ଟି) ହୋଇଛି, ଯେବେ ଠାରୁ ମନୁଷ୍ୟକୁ ଶକ୍ତି ପ୍ରାପ୍ତ ହୋଇଛି, ଯେବେ ଠାରୁ ଜଣେ ମନୁଷ୍ୟ ଅନ୍ୟ ମନୁଷ୍ୟ ଠାରୁ ନିଜ ରକ୍ତର ବଦଳା (ପ୍ରତିଶୋଧ) ନେବା ନିମନ୍ତେ ପ୍ରସ୍ତୁତ ହୋଇଛି ଓ ତା'କୁ ସାମର୍ଥ୍ୟତା ପ୍ରାପ୍ତ ହୋଇଛି ସେବେ ଠାରୁ ଏପରି ମହାନ୍ ପ୍ରତିଶୋଧ ଅନ୍ୟ କୌଣସି ବ୍ୟକ୍ତି ନେଇ ନାହିଁ.........ଏହି ପ୍ରତିଶୋଧ ସେହି ପ୍ରତିଶୋଧ ଥିଲା ଯାହା ହ. ୟୁସୁଫ୍ ଅ.ସଙ୍କ ପ୍ରତିଶୋଧ ଅପେକ୍ଷା ସର୍ବୋତ୍କୃଷ୍ଟ ଭବ୍ୟ (ଉତ୍ତମ) ପ୍ରତିଶୋଧ ଥିଲା । ତାହା ଏଇଥି ପାଇଁ ଯେ, ହ. ୟୁସୁଫ୍ ଅ.ସ ନିଜ ପିତାଙ୍କ ସକାଶେ ନିଜର ଭାଇମାନଙ୍କୁ କ୍ଷମା ପ୍ରଦାନ କରି ଦେଇଥିଲେ । ଯେଉଁ କ୍ଷମାଦାନ ହ. ୟୁସୁଫ୍ ଅ.ସ ନିଜର ଭାଇମାନଙ୍କ ପ୍ରତି ପ୍ରଦର୍ଶନ କରିଥଲେ ତାହା ନିଜର ପିତାଙ୍କ ସକାଶେ ହିଁ କରିଥିଲେ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ଯେଉଁମାନଙ୍କୁ ହ. ୟୁସୁଫ୍ ଅ.ସ କ୍ଷମା କରିଥିଲେ ସେମାନେ ଥିଲେ ହ. ୟୁସୁଫ୍ ଅ.ସଙ୍କ ନିଜ ଭାଇ ଓ ଯାହାଙ୍କ ସକାଶେ ସେ ନିଜର ଭାଇମାନଙ୍କୁ କ୍ଷମା ପ୍ରଦାନ କିରଥିଲେ ସେ ହେଉଛନ୍ତି ହ. ୟୁସୁଫ୍ ଅ.ସଙ୍କ ପିତା ହ. ୟାକୁବ୍ ଅ.ସ । କିନ୍ତୁ ମୁହମ୍ମଦ୍ ସ.ଅ ହେଉଛନ୍ତି ସେହି ମହାବତାର ଯିଏ ନିଜର ଚଚା (ଦାଦା) ଓ ନିଜର ଭାଇମାନଙ୍କୁ ଜଣେ ଦାସର ଜୋତା ମାଧ୍ୟମରେ କ୍ଷମା ପ୍ରଦାନ କରି ଦେଇଥିଲେ । ତେଣୁ ହ. ୟୁସୁଫ୍ ଅ.ସଙ୍କ ପ୍ରତିଶୋଧ ଆଁହଜରତ ସ.ଅଙ୍କ ପ୍ରତିଶୋଧ ସମ୍ମୁଖରେ କୌଣସି ମହତ୍ତ୍ୱାଧିକାରୀ ଓ ମର୍ଯ୍ୟାଦାଜନକ ନୁହେଁ ।" (ହ. ମୁସ୍‌ଲେହ୍ ମଉଦ୍ ର.ଅ)

— — — — — — — — — — — — — — — — — — — —

ମକ୍କା ଯୁଦ୍ଧର ପୃଷ୍ଠଭୂମିରେ ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ।

— — — — — — — — — — — — — — — — — — — —

ଶ୍ରୀଯୁକ୍ତ ଇନାମୁଲ୍ଲାଃ ସାହେବଙ୍କ ପତ୍ନି ସ୍ୱର୍ଗତା ଅମିନା ଶେହ୍‌ନାଜ୍ ସାହେବାଙ୍କ ବିୟୋଗ, ତାଙ୍କର ଉତ୍ତମ ଚର୍ଚ୍ଚା ଓ ନମାଜ୍ ଯନାଜାଃ ଗାଏବ୍ ।

— — — — — — — — — — — — — — — — — — — —

**27 June 2025 ମସିହା ଅନୁଯାୟୀ ୨୭ ଇହସାନ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, ଆଁହଜରତ ସ.ଅଙ୍କ ନିଜ ସୈନ୍ୟବାହିନୀ ସହିତ ନିରବତାର ସହିତ ମକ୍କା ନିକଟବର୍ତ୍ତୀ ପହଞ୍ଚିବା ଏବଂ ଶିବିର ପକାଇବାର ଚର୍ଚ୍ଚା ଚାଲିଥିଲା । ଆପଣ ସ.ଅ 10,000 ସ୍ଥାନକୁ ଅଲୋକିତ କରାଇଥିଲେ । ଅବୁ ସୁଫିୟାନ ଓ ତା'ର ସାଥିମାନେ ଯେତେବେଳେ ଏହି ଦୃଶ୍ୟକୁ ଦେଖିଲେ ସେତେବେଳେ ସେମାନେ ଭୟଭୀତ ହୋଇଗଲେ । ଉକ୍ତ ଘଟଣାବଳୀର କିଛି ଅଂଶ ପୂର୍ବ ଖୁତ୍‌ବାରେ ବର୍ଣ୍ଣିତ ହୋଇଥିଲା । ସେହି କ୍ରମରେ ତତ୍‌ସଂକ୍ରାନ୍ତୀୟ ଅତିରିକ୍ତ ବବରଣୀ ମୁଁ ଆଜି ବର୍ଣ୍ଣନା କରିଦେଉଛି । ହ. ମୁସ୍‌ଲେହ୍ ମଉଦ୍ ର.ଅ ଏକ ସ୍ଥାନରେ ଉକ୍ତ ବିସ୍ତୃତ ବିବରଣୀ ଏହିପରି ବର୍ଣ୍ଣନା କରିଛନ୍ତି ଯେ, "ହ. ଅବ୍‌ବାସ୍ ର.ଅ ଅବୁ ସୁଫିୟାନ୍‌ର ପୁରୁଣା ବନ୍ଧୁ ତଥା ମିତ୍ର ଥିଲେ । ସେଇଥି ପାଇଁ.......ସେ ଅବୁ ସୁଫିୟାନ୍ ନିକଟରେ ହଠ ହେଲେ (ଜିଦ୍ କରିଲେ) ଯେ, ସେ (ଅବୁ ସୁଫିୟାନ୍) ତାଙ୍କ ସହିତ ତାଙ୍କ ବାହନ ଉପରେ ଆରୋହଣ ହୋଇଯାଉ ଓ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହୋଇଯାଉ । ସୁତରାଂ ହ. ଅବ୍‌ବାସ୍ ର.ଅ ଅବୁ ସୁଫିୟାନ୍‌ର ହାତ ଧରି ତା'କୁ ଓଟ ଉପରେ ବସାଇ ନେଲେ ଏବଂ ଓଟକୁ ଗୋଇଠି ସାହାଯ୍ୟରେ ଆଗକୁ ଯିବା ନିମନ୍ତେ ଇଙ୍ଗିତ କଲେ । ଏତଦ୍‌ପରେ ଆପଣ ର.ଅ ରସୁଲୁଲ୍ଲାଃ ସ.ଅଙ୍କ ସଭାରେ ପହଞ୍ଚିଲେ । ହ. ଅବ୍‌ବାସ୍ ର.ଅ ଭୟ କରୁଥିଲେ ଯେ, ହ. ଉମର୍ ର.ଅ ଯେକି ପ୍ରହରା ଦେଉଥିଲେ ସେ ଅବୁ ସୁଫିୟାନର ବଧ ନ କରିଦିଅନ୍ତୁ । କିନ୍ତୁ ରସୁଲ୍ କରୀମ୍ ସ.ଅ ପ୍ରାରମ୍ଭରେ ହିଁ କରି ସାରିଥିଲେ ଯେ, ହେ ଲୋକମାନେ ! ତୁମମାନଙ୍କ ମଧ୍ୟରୁ ଅବୁ ସୁଫିୟାନ ଯେଉଁ ବ୍ୟକ୍ତିକୁ ମିଳିବ ତେବେ ସେହି ବ୍ୟକ୍ତି ଅବୁ ସୁଫିୟାନ୍‌ର ବଧ ନକରୁ । ଏହି ସମସ୍ତ ଦୃଶ୍ୟ ଅବୁ ସଫିୟାନ୍‌ର ହୃଦୟରେ ଏକ ମହାନ ତଥା ଅଭୂତପୂର୍ବ ପରିବର୍ତ୍ତନ ସୃଷ୍ଟି କରି ସାରିଥିଲା । ଅବୁ ସୁଫିୟାନ୍ ଦେଖିଲା ଯେ, କିଛି ବର୍ଷ ପୂର୍ବେ ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କୁ କେବଳ ଜଣେ ବ୍ୟକ୍ତି ସହିତ ମକ୍କାରୁ ବାହାରିବା ନିମନ୍ତେ ବାଧ୍ୟ କରି ଦେଇଥିଲୁ । କିନ୍ତୁ ବର୍ତ୍ତମାନ ଉକ୍ତ କଥାକୁ 7 ବର୍ଷ କାଳ ଅତିବାହିତ ହୋଇ ନଥିଲା କି ସେ 10,000 ପବିତ୍ର ସୈନ୍ୟବାହିନୀଙ୍କ ସମେତ ମକ୍କା ଉପରେ କୌଣସି ଅନ୍ୟାୟ ଓ ଅତ୍ୟାଚାର ନକରି ଯୁକ୍ତି ଯୁକ୍ତ ଉପାୟରେ ମୁହମ୍ମଦ ସ.ଅ ଆକ୍ରମଣ କଲେ ଏବଂ ମକ୍କାବାସୀଙ୍କ ମଧ୍ୟରେ ସେହି ସାମର୍ଥ୍ୟତା ନଥିଲା ଯେ, ସେମାନେ ଉକ୍ତ ଆକ୍ରମଣକୁ ପ୍ରତିହତ କରିପାରିବେ । ସୁତରାଂ ରସୁଲୁଲ୍ଲାଃ ସ.ଅଙ୍କ ସଭା ପର୍ଯ୍ୟନ୍ତ ପହଞ୍ଚୁ ପହଞ୍ଚୁ ଏହି ଚିନ୍ତା ଯୋଗୁଁ ଏବଂ ଆତଙ୍କିତ ଓ ଭୟ ଯୋଗୁଁ ଅବୁ ସୁଫିୟାନ ଆଶ୍ଚର୍ଯ୍ୟଚକିତ୍ ହୋଇ ସାରିଥିଲା । ରସୁଲ୍ କରୀମ୍ ସ.ଅ ଅବୁ ସୁଫିୟାନର ଏତାଦୃଶ ଅବସ୍ଥା ଯେତେବେଳେ ଦେଖିଲେ ସେତେବେଳେ ଆପଣ ସ.ଅ ହ. ଅବ୍‌ବାସ୍ ର.ଅଙ୍କୁ କହିଲେ, ହେ ଅବ୍‌ବାସ୍ ! ଆପଣ ଅବୁ ସୁଫିୟାନ୍‌କୁ ନିଜ ସହିତ ନେଇଯାଆନ୍ତୁ ଓ ରାତ୍ରରେ ନିଜ ପାଖରେ ରଖନ୍ତୁ । ସକାଳେ ତା'କୁ ମୋ ନିକଟକୁ ଆଣିବେ । ସୁତରାଂ ରାତିରେ ଅବୁ ସୁଫିୟାନ୍ ହ. ଅବ୍‌ବାସ୍ ର.ଅଙ୍କ ସହିତ

ରହିଲା । ଯେତେବେଳେ ସକାଳ ହେଲା ସେତେବେଳେ ରସୁଲୁଲ୍ଲାଃଙ୍କ ସମ୍ମୁଖରେ ହ. ଅବ୍‌ବାସ୍ ଅବୁ ସୁଫିୟାନ୍‌କୁ ଆଣିଲେ । ସେହି ସମୟଟି ଫଜର୍ ନମାଜର ସମୟ ଥିଲା। ମକ୍କାର ଲୋକମାନେ ସକାଳେ ଉଠି ନମାଜ ପାଠ କରିବାକୁ କ'ଣ ବା ଜାଣନ୍ତି। ଅବୁ ସୁଫିୟାନ୍ ମୁସଲମାନମାନଙ୍କୁ ଲୋଟାରେ ଜଳ ପୂର୍ଣ୍ଣ ଥିବାର ଦେଖିଲା ଏବଂ ସେହି ଲୋଟାକୁ ମୁସଲମାନମାନେ ଧରି ଯିବା ଆସିବା କରୁଥିବାର ଦେଖିଲା । ସେ ଏହା ଦେଖିବାକୁ ପାଇଲା ଯେ, କେହି ୱଜୁ କରୁଛି ତ' ଆଉ କେହି ନମାଜ୍ ପାଇଁ ଧାଡ଼ି ସିଧା କରୁଛି ତେଣୁ ଅବୁ ସୁଫିୟାନ୍ ଏହା ମନେକଲା ଯେ, ସମ୍ଭବତଃ ମୋ ନିମନ୍ତେ କୌଣସି ନୂତନ ଶାସ୍ତି ପ୍ରସ୍ତାବିତ ହୋଇଛି । ତେଣୁ ସେ ଘାବ୍‌ରେଇ ହ. ଅବ୍‌ବାସ୍ ର.ଅଙ୍କୁ ପଚାରିଲା ଯେ, ହେ ଅବ୍‌ବାସ୍ ! ଏହି ଲୋକମାନେ ସକାଳୁ ସକାଳୁ କ'ଣ କରୁଛନ୍ତି ? ହ. ଅବ୍‌ବାସ୍ ର.ଅ କହିଲେ, ହେ ଅବୁ ସୁଫିୟାନ୍ ! ତୁମେ ଭୟଭୀତ ହୁଅ ନାହିଁ । ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ । ଏହି ଲୋକମାନେ ନମାଜ୍ ପାଠ କରିବାକୁ ଯାଉଛନ୍ତି । ଏତଦ୍‌ପରେ ଅବୁ ସୁଫିୟାନ୍ ଦେଖିଲା ଯେ, ସହସ୍ର ସହସ୍ର ମୁସଲମାନମାନେ ରସୁଲୁଲ୍ଲାଃ ସ.ଅଙ୍କ ପଛେ ଛିଡ଼ା ହୋଇଯାଇଛନ୍ତି । ଯେତେବେଳେ ଆପଣ ସ.ଅ ରୁକୁ କରୁଥିଲେ ସେତେବେଳେ ସମସ୍ତ ଲୋକମାନେ ରୁକୁ କରୁଛନ୍ତି ଏବଂ ଯେତେବେଳେ ଆପଣ ସ.ଅ ସିଜ୍‌ଦା କରୁଥିଲେ ସେତେବେଳେ ସମସ୍ତ ଲୋକମାନେ ସିଜ୍‌ଦା କରୁଛନ୍ତି । ଯଦିଓ ହ. ଅବ୍‌ବାସ୍ ର.ଅ ପ୍ରହରା ଦେଉଥିବା ହେତୁ ନମାଜରେ ସାମିଲ୍ ହୋଇ ନଥିଲେ, ତେଣୁ ଅବୁ ସୁଫିୟାନ୍ ହ. ଅବ୍‌ବାସ୍ ର.ଅଙ୍କୁ ପଚାରିଲା, ହେ ଅବବାସ୍ ! ଏହି ମୁସଲମାନମାନେ ବର୍ତ୍ତମାନ ଏ କ'ଣ କରୁଛନ୍ତି ? ମୁଁ ଦେଖୁଛି ଯେ, ମୁହମ୍ମଦ ସ.ଅ ଯାହା କିଛି ବି କରନ୍ତି ଏହି ଲୋକମାନେ ତାହା ହିଁ କରିବାକୁ ଲାଗି ଯାଆନ୍ତି । ହ. ଅବବାସ୍ ର.ଅ କହିଲେ, ହେ ଅବୁ ସୁଫିୟାନ୍ ! ତୁମେ କେଉଁ ଚିନ୍ତାରେ ପଡ଼ିଛ ? ଏମାନେ ନମାଜ ପାଠ କରୁଛନ୍ତି । କିନ୍ତୁ ମୁହମ୍ମଦ ସ.ଅ ଯଦି ଏମାନଙ୍କୁ (ସାହାବାମାନଙ୍କୁ) ଆଦେଶ ଦିଅନ୍ତି ଯେ, ସେମାନେ ଖାଇବା ପିଇବା ଛାଡ଼ିଦେବେ ତେବେ ଏମାନେ (ମୁସଲମାନମାନେ) ଖାଇବା ପିଇବା ମଧ୍ୟ ଛାଡ଼ିଦେବେ । ଅବୁ ସୁଫିୟାନ୍ କହିଲା, ହେ ଅବ୍‌ବାସ୍ ! ମୁଁ କିସ୍ରାର ଦରବାର ଦେଖିଛି ଓ କୈସର୍‌ର ଦରବାର ମଧ୍ୟ ଦେଖିଛି । କିନ୍ତୁ ମୁହମ୍ମଦ୍[ସ.ଅ]ଙ୍କ ଜମାଅତ୍ (ସଂପ୍ରଦାୟ ଅର୍ଥାତ୍ ସାହାବାମାନେ) ଯେତେ ମୁହମ୍ମଦ[ସ.ଅ]ଙ୍କ ପାଇଁ ପାଗଳ ଥିଲେ ସେହିପରି ପାଗଳ ସେହି ଜାତିମାନ (କୈସର୍ ଓ କିସ୍ରାର ପ୍ରଜାମାନେ)ଙ୍କୁ ସେମାନଙ୍କ (କୈସର୍ ଓ କିସ୍ରା ସମ୍ରାଟ୍) ନିମନ୍ତେ ପାଗଳ ଥିବାର ଦେଖି ନାହିଁ ।"

ପୁନଶ୍ଚ ହ. ଅବ୍‌ବାସ୍ ର.ଅ କହିଲେ, କ'ଣ ଆଜି ଏପରି ହୋଇପାରିବ ନାହିଁ ଯେ, ତୁମେ ମୁହମ୍ମଦ୍ ସ.ଅଙ୍କୁ ଆଜି ଏହି ଅନୁରୋଧ କରିବ ଯେ, ଆପଣ ସ.ଅ ନିଜ ଜାତି ପ୍ରତି କ୍ଷମା ଆଚରଣ ପ୍ରଦର୍ଶନ କରନ୍ତୁ ? ଯେତେବେଳେ ନମାଜ ସମାପ୍ତ ହୋଇଗଲା ସେତେବେଳେ ହ. ଅବ୍‌ବାସ୍ ର.ଅ ଅବୁ ସୁଫିୟାନ୍‌କୁ ଧରି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । ଆପଣ ସ.ଅ କହିଲେ, ହେ ଅବୁ ସୁଫିୟାନ୍ ! କ'ଣ ଏବେ ବି ସମୟ ଆସି ନାହିଁ ଯେ, ତୁମ ସମ୍ମୁଖରେ ସତ୍ୟ ଆଲୋକିତ ହୋଇଯିବ ? ଅର୍ଥାତ୍ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି । ଅବୁ ସୁଫିୟାନ୍ କହିଲା, ହେ ମୁହମ୍ମଦ୍ ସ.ଅ ମୋର ମାତାପିତା ଆପଣଙ୍କ ସକାଶେ ଉତ୍ସର୍ଗ ହୋଇଯାଆନ୍ତୁ । ଆପଣ ସ.ଅ ଅତ୍ୟନ୍ତ ଦୟାଳୁ, ଭଦ୍ର ଓ ସଂପର୍କୀୟମାନଙ୍କୁ ଯୋଡୁଥିବା ବ୍ୟକ୍ତି ଅଟନ୍ତି। ମୁଁ ବର୍ତ୍ତମାନ ଉକ୍ତ କଥା ବୁଝି ଯାଇଛି ଯେ, ଯଦି ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ହୋଇ ଥାଆନ୍ତା ତେବେ ସେ ଆମମାନଙ୍କୁ (ଅବିଶ୍ୱାସକାରୀମାନଙ୍କୁ) ଅବଶ୍ୟ ସାହାଯ୍ୟ କରି ଥାଆନ୍ତା । ଏତଦ୍‌ପରେ ରସୁଲ୍ କରୀମ୍ ସ.ଅ କହିଲେ, ହେ ଅବୁ ସୁଫିୟାନ୍ ! କ'ଣ ଏବେ ବି ସମୟ ଆସି ନାହିଁ ? ତୁମେ ଏବେ ବି ଏକଥା ବୁଝିପାରୁ ନାହଁ ଯେ, ମୁଁ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟେ ? ଅବୁ ସୁଫିୟାନ୍ କହିଲା, ହେ ମୁହମ୍ମଦ୍ ସ.ଅ ମୋର ମାତାପିତା ଆପଣଙ୍କ ସକାଶେ ଉତ୍ସର୍ଗ ହୋଇଯାଆନ୍ତୁ । ଏଥି ସଂକ୍ରାନ୍ତରେ ମୋ ମନରେ ଏବେ ମଧ୍ୟ କିଛି ସନ୍ଦେହ ରହିଛି । କିନ୍ତୁ ଅବୁ ସୁଫିୟାନ୍‌ର ଦ୍ୱନ୍ଦ୍ୱ ସତ୍ତ୍ୱେ ତା'ର ଦୁଇ ସାଥି ଯେଉଁମାନେ ତା' (ଅବୁ ସୁଫିୟାନ୍) ସହିତ ମକ୍କା ବାହାରେ ମୁସଲମାନମାନଙ୍କର ଖବର ଆଣିବା ନିମନ୍ତେ ଆସିଥିଲେ ସେହି ଦୁଇ ସାଥିମାନଙ୍କ ମଧ୍ୟରୁ ଜଣ ବ୍ୟକ୍ତି ହକିମ୍ ବିନ୍ ହିଜାମ୍ ମଧ୍ୟ ଥିଲା । ସେ ମୁସଲମାନ ହୋଇଗଲା ଏବଂ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏତଦ୍‌ପରେ ଅବୁ ସୁଫିୟାନ୍ ମଧ୍ୟ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲା, କିନ୍ତୁ ତା'ର ହୃଦୟ ସମ୍ଭବତଃ ମକ୍କା ବିଜୟ ପରେ ହିଁ ସଂପୂର୍ଣ୍ଣ ରୂପେ ଉନ୍ମୁକ୍ତ ହୋଇଥିଲା । ବିଶ୍ୱାସ ଆଣିଥିବା ହକିମ୍ ବିନ୍ ହିଜାମ୍ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଏହି ସୈନ୍ୟବାହିନୀ (ମୁସଲମାନ ସୈନ୍ୟବାହିନୀ) ନିଜର ଜାତି (ଅର୍ଥାତ୍ ମକ୍କାରେ ଥିବା ଅବିଶ୍ୱାସାକାରୀମାନଙ୍କୁ)ର ଧ୍ୱଂସ ସାଧନ କରିବା ନିମନ୍ତେ ଧରି ଆଣିଛନ୍ତି । ରସୁଲୁଲ୍ଲାଃ ସ.ଅ କହିଲେ, ହେ ହକିମ ବିନ୍ ହିଜାମ୍ ! ସେହି ଲୋକମାନେ (ଅବିଶ୍ୱାସକାରୀମାନେ) ଅତ୍ୟାଚାର କଲେ, ଏହି ଅବିଶ୍ୱାସକାରୀମାନେ ପାପ କଲେ ଓ ହୁଦୈବିୟାହ୍ ଠାରେ ଯେଉଁ ଚୁକ୍ତି ହୋଇଥିଲା ତାହାକୁ ତୁମେମାନେ (ଅବିଶ୍ୱାସକାରୀମାନେ) ଭଙ୍ଗ କରିଦେଲ ତଥା ତୁମେମାନେ ଖୁଜାଆ ସଂପ୍ରଦାୟ ବିରୁଦ୍ଧରେ ଅତ୍ୟାଚାରମୂଳକ ଯୁଦ୍ଧ କଲ । ତୁମେମାନେ ଏହି ପବିତ୍ର ସ୍ଥାନରେ ରହି ଯୁଦ୍ଧ କଲ ଯେଉଁ ସ୍ଥାନକୁ ଅଲ୍ଲାଃତାଲା ଶାନ୍ତିର ସ୍ଥଳୀ ରୂପେ ବିବେଚିତ କରିଛନ୍ତି । ହକିମ୍ ବିନ୍ ହିଜାମ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏକଥା ଠିକ୍ ଯେ, ଆପଣ ସ.ଅଙ୍କ ଜାତି ନିଃସନ୍ଦେହ ରୂପେ ଏହିପରି କୃତ୍ୟ କରିଛି। କିନ୍ତୁ ଆପଣ ସ.ଅଙ୍କ ପକ୍ଷେ ଏହା ଉଚିତ୍ ଥିଲା କି ଆପଣ ସ.ଅ ମକ୍କା ପରିବର୍ତ୍ତେ ହୱାଜିନ୍ ସଂପ୍ରଦାୟ ଉପରେ ଆକ୍ରମଣ କରିଥାଆନ୍ତେ । ରସୁଲୁଲ୍ଲାଃ ସ.ଅ କହିଲେ, ହେ ହିଜାମ୍ ! ସେହି ଜାତି ହେଉଛି ଅତ୍ୟାଚାରୀ ଜାତି । କିନ୍ତୁ ମୁଁ ଈଶ୍ୱରଙ୍କ ଠାରୁ ଏହି ଆଶା କରୁଛି ଯେ, ସେ ଅର୍ଥାତ୍ ଈଶ୍ୱର ମକ୍କାର ବିଜୟ, ଇସ୍‌ଲାମ୍ ଧର୍ମର ବିଜୟ ଏବଂ ହୱାଜିନ୍ ସଂପ୍ରଦାୟର ପରାଜୟ ଇତ୍ୟାଦି ସମସ୍ତ କଥା ମୋ ହସ୍ତରେ ପୂର୍ଣ୍ଣ କରିବେ । ଏତଦ୍‌ପରେ ଅବୁ ସୁଫିୟାନ୍ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମକ୍କା ବାସୀନ୍ଦା ଯଦି ଖଡ୍‌ଗୋତ୍ତୋଳନ ନକରନ୍ତି ତେବେ କ'ଣ ସେମାନେ ବି ଶାନ୍ତିରେ ରହିବେ ? ଆପଣ ସ.ଅ କହିଲେ, ହଁ ! ପ୍ରତ୍ୟେକ ବ୍ୟକ୍ତି ଯିଏ ନିଜ ଘରର କବାଟ ବନ୍ଦ୍ କରିନେବ ସେହି ବ୍ୟକ୍ତିକୁ ଶାନ୍ତି ପ୍ରଦାନ କରାଯିବ । ହ. ଅବ୍‌ବାସ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅବୁ ସୁଫିୟାନ୍ ଅତ୍ୟନ୍ତ ଅହଂକାରପ୍ରିୟ ବ୍ୟକ୍ତି ଅଟେ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ମୋ ସମ୍ମାନର ମଧ୍ୟ କିଛି ଗୋଟେ ବ୍ୟବସ୍ଥା କରାଯାଉ । ଆପଣ ସ.ଅ କହିଲେ, ଅତି ଉତ୍ତମ । ଯେଉଁ ବ୍ୟକ୍ତି ଅବୁ ସୁଫିୟାନ୍ ଘରେ ଚାଲିଯିବ (ତା' ଘରେ ଯାଇ ଆଶ୍ରୟ ତଥା ଶରଣ ନେବ) ତେବେ ସେହି ବ୍ୟକ୍ତିକୁ ମଧ୍ୟ ଶାନ୍ତି ପ୍ରଦାନ କରାଯିବ । ଯେଉଁ ବ୍ୟକ୍ତି କାଆବାର ମସ୍‌ଜିଦ୍‌ରେ ପ୍ରବେଶ କରିଯିବ ତେବେ ସେହି ବ୍ୟକ୍ତିକୁ ମଧ୍ୟ ଶାନ୍ତି ପ୍ରଦାନ କରାଯିବ । ଯେଉଁ ବ୍ୟକ୍ତି ନିଜର ଅସ୍ତ୍ରଶସ୍ତ୍ର ଫିଙ୍ଗିଦେବ ତେବେ ସେହି ବ୍ୟକ୍ତିକୁ ମଧ୍ୟ ଶାନ୍ତି ପ୍ରଦାନ କରାଯିବ । ଯେଉଁ ବ୍ୟକ୍ତି ନିଜର ଦ୍ୱାର ରୁଦ୍ଧ (କବାଟ ବନ୍ଦ୍ କରିଦେବ) କରି ବସିଯିବ ତେବେ ସେହି ବ୍ୟକ୍ତିକୁ ମଧ୍ୟ ଶାନ୍ତି ପ୍ରଦାନ କରାଯିବ । ଯେଉଁ ବ୍ୟକ୍ତି ହକିମ୍ ବିନ୍ ହିଜାମ୍‌ଙ୍କ ଘରେ ଯାଇ ଆଶ୍ରୟ ନେବ ତେବେ ସେହି ବ୍ୟକ୍ତିକୁ ମଧ୍ୟ ଶାନ୍ତି ପ୍ରଦାନ କରାଯିବ । **(ଦିବାଚା ତଫସିରୁଲ୍ କୁରଆନ୍ ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-338-340)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ସମସ୍ତ ବିବରଣୀ ହ. ମୁସଲେହ୍ ମଉଦ୍ ର.ଅ ଦିବାଚା ତଫସିରୁଲ୍ କୁରଆନରେ ଉଲ୍ଲେଖ କରିଛନ୍ତି । ଏଥି ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସ କହିଛନ୍ତି: "ଆଁହଜରତ ସ.ଅଙ୍କ କାଳରେ ଅବୁ ସୁଫିୟାନ୍ ଜଣେ ଦୁର୍ବଳ ହୃଦୟ ବ୍ୟକ୍ତି ଥିଲା ଏବଂ ସ୍ୱଳ୍ପ ବୁଦ୍ଧି ବ୍ୟକ୍ତି ଥିଲା । ଯେତେବେଳା ଆଁହଜରତ ସ.ଅ ମକ୍କା ବିଜୟ କଲେ ସେତେବେଳେ ଆପଣ ସ.ଅ ଅବୁ ସୁଫିୟନାକୁ କହିଲେ,ହେ ଅବୁ ସୁଫିୟାନ୍ ! କ'ଣ ତୁ ଏବେ ବି ବୁଝି ପାରାଲୁ ନାହିଁ ? ତୁ ଏବେ ବି ଜାଣି ପାରିଲୁ ନାହିଁ ଯେ, ଏହି ସମସ୍ତ କାର୍ଯ୍ୟ ମନୁଷ୍ୟର ନୁହେଁ । ପ୍ରତ୍ୟୁତ୍ତରରେ ସେ କହିଲା, ହେ ମୁହମ୍ମଦ୍ ସ.ଅ ! ହେ ମୁହମ୍ମଦ୍ ସ.ଅ ! ବର୍ତ୍ତମାନ ମୁଁ କଥା ବୁଝି ନେଇଛି ଯେ, ତୁମ୍ଭର ଈଶ୍ୱର ହିଁ ସତ୍ୟ ଓ ଶାଶ୍ୱତ ଅଟନ୍ତି । ଯଦି ଏହି ମୂର୍ତ୍ତି ତଥା ପିତୁଳାମାନଙ୍କ ମଧ୍ୟରେ କୌଣସି ଦିବ୍ୟ ଶକ୍ତି ଥାଆନ୍ତା ତେବେ ଏମାନେ ଆମମାନଙ୍କୁ ଅବଶ୍ୟ ସାହାଯ୍ୟ କରିଥାଆନ୍ତେ । ପୁନଶ୍ଚ ଯେତେବେଳେ ତା'କୁ (ଅବୁ ସୁଫିୟାନକୁ) ଏହା କୁହାଗଲା କି (ଅର୍ଥାତ୍ ଆଁହଜରତ ସ.ଅ ଅବୁ ସୁଫିୟାନକୁ କହିଲେ) ହେ ଅବୁ ସୁଫିୟାନ୍ ! ତୁ ମୋର ଅବତାରତ୍ୱ ଉପରେ ବିଶ୍ୱାସ ଆଣୁଛୁ ଅବା ନୁହେଁ ? ଆଁହଜରତ ସ.ଅ ଯେତେବେଳେ ତା'କୁ ଉକ୍ତ କଥା କହିଲେ, ସେତେବେଳେ ସେ ଦ୍ୱନ୍ଦ୍ୱ ତଥ ଶଙ୍କୋଚ ପ୍ରକାଶ କଲେ । ସେ ଏକେଶ୍ୱରବାଦକୁ ତ' ବୁଝିଗଲା କିନ୍ତୁ ଅବତାରତ୍ୱ ବୁଝି ପାରିଲା ନାହିଁ । "

ଆପଣ ଅ.ସ କୁହନ୍ତି: "କେତେକ ବ୍ୟକ୍ତିମାନେ ଏପରି ଅବୋଧ ଥାଆନ୍ତି ଯେଉଁମାନଙ୍କ ପାଖରେ ପ୍ରସଙ୍ଗକୁ ବୁଝିବା ନିମନ୍ତେ ସାମର୍ଥ୍ୟ ହିଁ ନଥାଏ । ସେମାନେ ସ୍ୱଳ୍ପବୋଧ ବ୍ୟକ୍ତି ଅଟନ୍ତି । ଅର୍ଥାତ୍ ଆଁହଜରତ ସ.ଅ ଯେଉଁ ଏକେଶ୍ୱରବାଦର ପ୍ରମାଣ ଦେଇଥିଲେ ସେହି ପ୍ରମାଣ ଅବତାରତ୍ୱର ନିମନ୍ତେ ମଧ୍ୟ ଉଦ୍ଦିଷ୍ଟ ଥିଲା । କିନ୍ତୁ ଅବୁ ସୁଫିୟାନ୍ ତହିଁରେ ପାର୍ଥକ୍ୟ କଲା । ଅର୍ଥାତ୍ ସେ ଏକଶ୍ୱରବାଦକୁ ଗୋଟିଏ ପକ୍ଷ ଏବଂ ଅବତାରତ୍ୱକୁ ଅନ୍ୟ ଏକ ପ୍ରସଙ୍ଗ ବୋଲି ମନେକଲା । ସେ ଏକେଶ୍ୱରବାଦ ଓ ଅବତାରତ୍ୱକୁ ଭିନ୍ନ କରିଦେଲା ।" ଆପଣ ଅ.ସ କୁହନ୍ତି: "ସମସ୍ତେ ସମାନ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ସ୍ୱଭାବର ବ୍ୟକ୍ତିତ୍ୱର ଅଧିକାରୀ ହୋଇ ନଥାଆନ୍ତି । କେତେକ ବ୍ୟକ୍ତି ଉଚ୍ଚକୋଟିର ବ୍ୟକ୍ତିତ୍ୱ ଏବଂ ଉଚ୍ଚ ସ୍ୱଭାବର ଅଧିକାରୀ ହୋଇଥାଆନ୍ତି । ଯେପରି ସତ୍ୟବାଦୀ ହ. ଅବୁ ବକ୍କର ର.ଅ ଜଣେ ଉଚ୍ଚ କୋଟି ଏବଂ ଉଚ୍ଚ ସ୍ୱଭାବର ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସେହିପରି ଆଉ କେତେକ ବ୍ୟକ୍ତିମାନେ ମଧ୍ୟବର୍ତ୍ତୀ ସ୍ୱଭାବର ଅଧିକାରୀ ହୋଇଥାଆନ୍ତି ଓ ଆଉ କେତେକ ବ୍ୟକ୍ତିମାନେ ନିମ୍ନ ସ୍ତରୀୟ ସ୍ୱଭାବ ଓ ବ୍ୟକ୍ତିତ୍ୱର ଅଧିକାରୀ ହୋଇଥାଆନ୍ତି।"

**(ମଲ୍‌ଫୁଜାତ୍, ଭାଗ-3, ପୃ-414, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇବ୍‌ନେ ଉକ୍‌ବା ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଅବୁ ସୁଫିୟାନ୍ ଓ ହକିମ୍ ବିନ୍ ହିଜାମ ଫେରି ଯାଉଥିଲେ ସେତେବେଳେ ହ. ଅବ୍‌ବାସ୍ ର.ଅ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଅବୁ ସୁଫିୟାନ୍‌ର ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ସଂକ୍ରାନ୍ତରେ ସନ୍ଦେହ ଓ ସଂଶୟ ରହିଛି । ହ. ଅବ୍‌ବାସ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅବୁ ସୁଫିୟାନ୍‌କୁ ଆପଣ ସ.ଅ ଡାକି ନିଅନ୍ତୁ । କାରଣ ସେ ଇସ୍‌ଲାମ୍ ଧର୍ମକୁ ଭଲ ଭାବରେ ବୁଝିନେଉ ଓ ଆପଣ ସ.ଅଙ୍କ ସହିତ ଅଲ୍ଲାଃତାଲାଙ୍କ ସୈନ୍ୟବାହିନୀକୁ ଦେଖିନେଉ । ଇବ୍‌ନେ ଅବି ଶୈବା ର.ଅ ବର୍ଣ୍ଣନା କରନ୍ତି ଯେ, ଅବୁ ସୁଫିୟାନ୍ ଯେତେବେଳେ ଫେରିଯିବାକୁ ଲାଗିଲା ସେତେବେଳେ ହ. ଅବୁ ବକ୍କର ର.ଅ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଯଦି ମୋତେ ଆଜ୍ଞା ପ୍ରଦାନ କରନ୍ତି ତେବେ ମୁଁ ଅବୁ ସୁଫିୟାନ୍‌କୁ ବାଟରେ ହିଁ ଅଟକାଇ ନେବି । ଇବ୍‌ନେ ଇସ୍‌ହାକ୍ ବର୍ଣ୍ଣନା କରନ୍ତି ଯେ, ଅବୁ ସୁଫିୟାନ୍ ଯେତେବେଳେ ମକ୍କା ଫେରି ଯାଉଥିଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ହ. ଅବବାସ୍ ର.ଅଙ୍କୁ କହିଲେ, ହେ ଅବ୍‌ବାସ୍ ! ଅବୁ ସୁଫିୟାନ୍‌କୁ ଉପତ୍ୟକାରେ ଅଟକାଇ ନିଅ । ସୁତରାଂ ହ. ଅବ୍‌ବାସ୍ ର.ଅ ଅବୁ ସୁଫିୟାନ୍‌କୁ ଯାଇ ଅଟକାଇ ନେଲେ । ଏହା ଦେଖି ଅବୁ ସୁଫିୟାନ୍ କହିବାକୁ ଲାଗିଲା ଯେ, ହେ ବନି ହାଶିମ୍ ! ତୁମେ କ'ଣ ମୋ ସହିତ ଛଳନା ଓ ଧୋକା କରୁଛ କି ? ହ. ଅବ୍‌ବାସ୍ ର.ଅ କହିଲେ, ଅବତାରତ୍ୱଙ୍କ ଅନୁଗାମୀମାନେ କେବେ କାହାକୁ ଧୋକା ଦିଅନ୍ତି ନାହିଁ । ସେହିପରି ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ହ. ଅବ୍‌ବାସ୍ ର.ଅ କହିଲେ, ହେ ଅବୁ ସୁଫିୟାନ୍ ଆମେମାନେ କଦାପି ଧୋକା ଦେଲାବାଲା ଲୋକ ନାହୁଁ । କିନ୍ତୁ ତୁମେ ସକାଳ ପର୍ଯ୍ୟନ୍ତ ଅପେକ୍ଷା କର । ଏପର୍ଯ୍ୟନ୍ତକି ତୁମେ ଅଲ୍ଲାଃତାଲାଙ୍କ ସୈନ୍ୟବାହିନୀକୁ ଦେଖିନେବ । ତୁମେ ସେହି ସୈନ୍ୟବାହିନୀକୁ ଦେଖି ନେବ ଯେଉଁ ସୈନ୍ୟବାହିନୀ ଅବିଶ୍ୱାସକାରୀମାନଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଛି । ସୁତରାଂ ହ. ଅବ୍‌ବାସ୍ ର.ଅ ଅବୁ ସୁଫିୟାନ୍‌କୁ ସେହି ଘାଟିରେ ଅଟକାଇ ରଖିଲେ ଏପର୍ଯ୍ୟନ୍ତକି ସକାଳ ହୋଇଗଲା ।

**(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-218, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବିଭିନ୍ନ ସଂପ୍ରଦାୟ ଦଳ ଦଳ ହୋଇ ଅବୁ ସୁଫିୟାନ୍ ସମ୍ମୁଖ ଦେଇ ଗତି କରୁଥିଲେ । ଯେତେବେଳେ ଏକ ସୈନ୍ୟବାହିନୀ ଅବୁ ସୁଫିୟାନ୍ ସମ୍ମୁଖ ଦେଇ ଅତିକ୍ରମ କଲା ସେତେବେଳେ ସେ (ଅବୁ ସୁଫିୟାନ୍) କହିଲା, ହେ ଅବ୍‌ବାସ୍ ! ଏ କିଏ ? ହ. ଅବ୍‌ବାସ୍ ର.ଅ ଉତ୍ତର ଦେଲେ ଯେ, ଏହି ସଂପ୍ରଦାୟ ହେଉଛି ଗିଫ୍ଫାରୀ ସଂପ୍ରଦାୟ । ଅବୁ ସୁଫିୟାନ୍ କହିଲା, ହେ ଅବ୍‌ବାସ୍ ! ବନୁ ଗିଫ୍ଫାର୍ ସଂପ୍ରଦାୟ ସହିତ ମୋର କେଉଁ ସଂପର୍କ ବା ରହିଛି ? ପୁନଶ୍ଚ ଏତଦ୍‌ପରେ ଅବୁ ସୁଫିୟାନ୍ ସମ୍ମୁଖ ଦେଇ ବନୁ ଜୁହୈନାହ୍ ସଂପ୍ରଦାୟ ଅତିକ୍ରମ କଲା । ଅତଏବ୍ ଅବୁ ସୁଫିୟାନ୍ କହିଲା, ହେ ଅବ୍‌ବାସ୍ ! ଜୁହୈନାହ୍ ସଂପ୍ରଦାୟ ସହିତ କି ସଂପର୍କ ରହିଛି ? ପୁନଶ୍ଚ ସୁଲୈମ୍ ସମ୍ପ୍ରଦାୟ ଅବୁ ସୁଫିୟାନ୍ ସମ୍ମୁଖରେ ପୁନଶ୍ଚ ତତ୍ପରେ ହ. ସାଆଦ୍ ବିନ୍ ହୁଜୈମ୍ ଅତିକ୍ରମ କଲେ । ଅତଏବ୍ ଅବୁ ସୁଫିୟାନ୍ ହ. ଅବ୍‌ବାସ୍ ର.ଅଙ୍କୁ ପୂର୍ବ ପରି ଉତ୍ତର ଦେଲା (ଅର୍ଥାତ୍ ଏହି ସଂପ୍ରଦାୟ ସହିତ ମୋର କୌଣସି ସଂପର୍କ ନାହିଁ ) । ଏପର୍ଯ୍ୟନ୍ତକି ଆଉ ଏକ ସୈନ୍ୟ ବାହିନୀ ଅବୁ ସୁଫିୟାନ ସମ୍ମୁଖ ଦେଇ ଅତିକ୍ରମ କଲା । କିନ୍ତୁ ଏହି ସୈନ୍ୟବାହିନୀ ପୂର୍ବ ସୈନ୍ୟବାହିନୀ ପରି ନଥିଲା। ଏପରି ସୈନ୍ୟବାହିନୀ ଅବୁ ସୁଫିୟାନ୍ ଦେଖି ନଥିଲା । ଅବୁ ସୁଫିୟାନ୍ ହ. ଅବ୍‌ବାସ୍ ର.ଅଙ୍କୁ ପଚାରିଲା ଯେ, ହେ ଅବ୍‌ବାସ୍ ! ଏହି ସୈନ୍ୟବାହିନୀ ତ' ଅନ୍ୟ ସୈନ୍ୟବାହିନୀ ପରି ଲାଗୁ ନାହିଁ । ମୁଁ ଏହିପରି ସୈନ୍ୟବାହିନୀ ତ' ଦେଖି ନଥିଲି । ତେଣୁ ଅବୁ ସୁଫିୟାନ୍ କହିଲା, ହେ ଅବ୍‌ବାସ୍ ! ଏହି ସୈନ୍ୟବାହିନୀ କିଏ (କେଉଁ ସଂପ୍ରଦାୟର) ପ୍ରତ୍ୟୁତ୍ତରରେ ହ. ଅବ୍‌ବାସ୍ ର.ଅ କହିଲେ, ହେ ଅବୁ ସୁଫିୟାନ୍! ଏହି ସୈନ୍ୟବାହିନୀ ହେଉଛି ଅନ୍‌ସାରମାନଙ୍କର ଏବଂ ଉକ୍ତ ସୈନ୍ୟବାହିନୀର ସେନାପତି ହେଉଛନ୍ତି ହ. ସାଆଦ୍ ବିନ୍ ଉବାଦାହ୍ ର.ଅ । ତେଣୁ ହ. ସାଆଦ୍ ବିନ୍ ଉବାଦାହ୍ ର.ଅଙ୍କ ନିକଟରେ ଧ୍ୱଜା ରହିଥିଲା । ହ. ସାଆଦ୍ ବିନ୍ ଉବାଦାହ୍ ର.ଅ ଉତ୍ସାହିତ ହୋଇ କହିଲେ, ହେ ଅବୁ ସୁଫିୟାନ୍ ! ଆଜି ଭୟଙ୍କର ଯୁଦ୍ଧ ହେବ । ଆଜି ଖାନା କାଆବାର କୌଣସି ମର୍ଯ୍ୟାଦା ରହିବ ନାହିଁ । ଅବୁ ସୁଫିୟାନ୍ ଯେତେବେଳେ ଉକ୍ତ କଥା ଶୁଣିଲା ସେତେବେଳେ ସେ କହିଲା, ହେ ଅବ୍‌ବାସ୍ ! ମୋତେ ଯଦି ସୁଯୋଗ ମିଳି ଯାଆନ୍ତା ତେବେ ବିନାଶର ଏହି ଦିନଟି ଅତ୍ୟୁତ୍ତମ ସାବ୍ୟସ୍ତ ହେବ। ଅର୍ଥାତ୍ ଆଜି ଯଦି ମୁଁ ଯୁଦ୍ଧ କରନ୍ତି ତେବେ ଭଲ ହୋଇ ଥାଆନ୍ତା । ବର୍ତ୍ତମାନ ତ' ଆମେମାନେ (ଅବିଶ୍ୱସାକାରୀମାନେ) ଲଢି ପାରିବୁ ନାହିଁ । ପୁନଶ୍ଚ ଆଉ ଏକ ସୈନ୍ୟବାହିନୀ ଆସିଲା ଏବଂ ସେହି ସୈନ୍ୟବାହିନୀ ଅତି କ୍ଷୁଦ୍ର ସୈନ୍ୟବାହିନୀ ଥିଲା । ଉକ୍ତ ସୈନ୍ୟବାହିନୀରେ ଆଁହଜରତ ସ.ଅ ଓ ଆପଣ ସ.ଅଙ୍କ ସାହାବାମାନେ ସାମିଲ୍ ଥିଲେ । ଆଁହଜରତ ସ.ଅଙ୍କ ଧ୍ୱଜା ହ. ଜୁବୈର୍ ବିନ୍ ଅୱାମ୍ ର.ଅଙ୍କ ପାଖରେ ଥିଲା। **(ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ରକ୍‌ଜୁନ୍ ନବୀ ସ.ଅ, ଅର୍ ରାୟାତୁ ୟୌମୁଲ୍ ଫତ୍‌ହି, ହଦିସ୍ ନଂ-4280)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅନ୍ୟ ଏକ ବର୍ଣ୍ଣନାରେ ଉକ୍ତ ଘଟଣାଟି ଏହିପରି ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅ ଯେତେବେଳେ ଅବୁ ସୁଫିୟାନ୍ ନିକଟ ଦେଇ ଅତିକ୍ରମ କଲେ ସେତେବେଳେ ସେ (ଅବୁ ସୁଫିୟାନ୍) କହିଲା, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! କ'ଣ ଆପଣ ସ.ଅ ନିଜର ଜାତି ଅର୍ଥାତ୍ ମୁସଲମାନମାନଙ୍କୁ ନରସଂହାର (ଗଣହତ୍ୟା) କରିବା ନିମନ୍ତେ ଆଦେଶ ପ୍ରଦାନ କରି ଦେଇଛନ୍ତି କି ? ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ସ.ଅ ଜାଣନ୍ତି ନାହିଁ (ଶୁଣିପାରୁ ନାହାନ୍ତି) ଯେ, ହ. ସାଆଦ୍ ବିନ୍ ଉବାଦାହ୍ କ'ଣ କହୁଛନ୍ତି ? ଆପଣ ସ.ଅ ଅବୁ ସୁଫିୟାନ୍‌କୁ ପଚାରିଲେ, ହେ ଅବୁ ସୁଫିୟାନ୍ ! ସାଆଦ୍ ବିନ୍ ଉବାଦାହ୍ କ'ଣ କହିଛନ୍ତି ? ଅବୁ ସୁଫିୟାନ୍ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସାଆଦ୍ ବିନ୍ ଉବାଦାହ୍ ଏହିପରି କହୁଥିଲେ। ମୁଁ (ଅବୁ ସୁଫିୟାନ୍ କହିଲା) ଆପଣ ସ.ଅଙ୍କୁ ଆପଣ ସ.ଅଙ୍କ ଜାତିର ଦ୍ୱାହି ଦେଇ କହୁଛି । ଆପଣ ସମସ୍ତ ଲୋକମାନଙ୍କ ଅପେକ୍ଷା ସର୍ବାଧିକ ପବିତ୍ର ଅଟନ୍ତି, ସଂପର୍କ ରକ୍ଷାକାରୀ ଏବଂ ଦୟା ପ୍ରଦର୍ଶନକାରୀ ବ୍ୟକ୍ତି ଅଟନ୍ତି । ରସୁଲୁଲ୍ଲାଃ ସ.ଅ କହିଲେ, ହେ ଅବୁ ସୁଫିୟାନ୍ ! ସାଆଦା ବିନ୍ ଉବାଦା ଯାହା କହିଛନ୍ତି ସେ ଭୁଲ୍ କହିଛନ୍ତି । ଆଜିର ଦିନଟି ହେଉଛି ଦୟା ଓ କରୁଣାର ଦିନ । ଆଜି ଅଲ୍ଲାଃତାଲା ଖାନା କାଆବାକୁ ମର୍ଯ୍ୟାଦା ପ୍ରଦାନ କରିବେ ଓ ଅଲ୍ଲାଃତାଲା କୁରୈଶ୍‌ମାନଙ୍କୁ ପ୍ରକୃତ ରୂପେ ସମ୍ମାନ ପ୍ରଦାନ କରିବେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇବ୍‌ନେ ଇସ୍‌ହାକ୍ ଉଲ୍ଲେଖ କରନ୍ତି ଯେ, ହ. ସାଆଦ୍ ର.ଅ ଯାହା (ଯେଉଁ କଥା) କହିଥିଲେ ତାହାକୁ ପ୍ରବାସକାରୀମାନେ ଶୁଣି ନେଇଥିଲେ । ଇବ୍‌ନେ ହିଶ୍ଶାମ୍ ଉକ୍ତ ଘଟଣାକୁ ବର୍ଣ୍ଣନା କରିଛନ୍ତି ଯେ, ସେହି କଥା ହ. ଉମର୍ ର.ଅ ହିଁ ଶୁଣିଥିଲେ । ହ. ଉମର୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଶାନ୍ତିରେ ନାହୁଁ । ସମ୍ଭବତଃ ହ. ସାଆଦ୍ ର.ଅ କୁରୈଶ୍‌ମାନଙ୍କ ଉପରେ ଆକ୍ରମଣ କରିଦେଇ ପାରନ୍ତି । ଦ୍ୱିତୀୟ ବର୍ଣ୍ଣନାନୁଯାୟୀ ଉକ୍ତ କଥା ହ. ଅବ୍‌ଦୁର୍ ରହମାନ୍ ବିନ୍ ଔଫ୍ ର.ଅ ଓ ହ. ଉସ୍‌ମାନ୍ ର.ଅ କହିଥିଲେ । ରସୁଲୁଲ୍ଲାଃ ସ.ଅ ହ. ସାଆଦ୍ ର.ଅଙ୍କ ଆଡ଼କୁ ସନ୍ଦେଶ ପ୍ରେରଣ କଲେ ଏବଂ ତାଙ୍କ ଠାରୁ ଧ୍ୱଜା ନେଇନେଲେ ଓ ତାଙ୍କର ସୁପୁତ୍ର ହ. କୈସ୍ ର.ଅଙ୍କୁ ଧ୍ୱଜା ପ୍ରଦାନ କରିଦେଲ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-221-222, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ. କହିଲେ, ଉକ୍ତ ଘଟଣାର ସବିଶେଷ ବିବରଣୀ ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ଇତିହାସ ପୁସ୍ତକରୁ ପାଠୋଦ୍ଧାର (ସଂଗ୍ରହ) କରି ବର୍ଣ୍ଣନା କରିଛନ୍ତି। ଆପଣ ର.ଅ କୁହନ୍ତି: "ଯେଉଁ ସମୟରେ ଏହି ସୈନ୍ୟବାହିନୀ ଅବୁ ସୁଫିୟାନ୍ ସମ୍ମୁଖ ଦେଇ ଅତିକ୍ରମ କରୁଥିଲା, ଅନ୍‌ସାରର କମାଣ୍ଡର୍ (ସେନାପତି) ସାଆଦ୍ ବିନ୍ ଉବାଦାହ୍ ର.ଅ ଅବୁ ସୁଫିୟାନ୍‌କୁ ଦେଖି କହିଲେ, ହେ ଅବୁ ସୁଫିୟାନ୍ ! ଆଜି ଈଶ୍ୱର ଆମମାନଙ୍କ ସକାଶେ ଖଡ୍‌ଗ ବଳରେ ମକ୍କାରେ ପ୍ରବେଶ କରିବା ବୈଧ କରି ଦେଇଛନ୍ତି । ଆଜି କୁରୈଶ୍ ଜାତିକୁ ତିରସ୍କୃତ କରିଦିଆଯିବ । ରସୁଲୁଲ୍ଲାଃ ସ.ଅ ଯେତେବେଳେ ଅବୁ ସୁଫିୟାନ୍ ନିକଟ ଦେଇ ଅତିକ୍ରମ କଲେ ସେତେବେଳେ ଅବୁ ସୁଫିୟାନ୍ ଉଚ୍ଚ ସ୍ୱରରେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ସ.ଅ ନିଜ ଜାତିକୁ କୁରୈଶ୍ ତଥା ଅନ୍ୟ ଅବିଶ୍ୱାସକାରୀଙ୍କ ବଧ କରିବା ପାଇଁ ଅନୁମତି ପ୍ରଦାନ କରି ଦେଇଛନ୍ତି ? ଏବେ ଏବେ ଅନ୍‌ସାରଙ୍କ ଅଧିପତି ସାଆଦ୍ ର.ଅ ଓ ତାଙ୍କର ସାଥିମାନେ ଏହିପରି କଥା କହୁଥିଲେ । ସେମାନେ ଉଚ୍ଚ ସ୍ୱରରେ ଏହା କହୁଥିଲେ ଯେ, ଆଜି ଯୁଦ୍ଧ ହେବ ଏବଂ ମକ୍କାର ମର୍ଯ୍ୟାଦା ତଥା ଗାରିମା ଆମମାନଙ୍କୁ ଯୁଦ୍ଧରୁ ନିବୃତ୍ତ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ରଖି ପାରିବ ନାହିଁ ଓ ଆଜି ଆମାମେନ କୁରେଶ୍‌ମାନଙ୍କୁ ତିରସ୍କୃତ କରି ଛାଡ଼ିବୁ। ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ତ' ସଂସାରରେ ସର୍ବାଧିକ ପୁଣ୍ୟବାନ୍, ସର୍ବାଧିକ ଦୟାଳୁ ଓ ସମସ୍ତଙ୍କ ପ୍ରତି ସର୍ବାଧିକ ସୁସଂପର୍କ ରକ୍ଷାକାରୀ ବ୍ୟକ୍ତି ଅଟନ୍ତି । କ'ଣ ଆଜି ଆପଣ ନିଜ ଜାତିର ଦୋଷ ଓ ଅପରାଧକୁ କ୍ଷମା ପ୍ରଦାନ କରିବେ ନାହିଁ ? ଆଜି ଆପଣ ନିଜ ଜାତିର ଦୋଷ, ଅପରାଧକୁ ଭୁଲିଯିବେ ନାହିଁ ? ଅବୁ ସୁଫିୟାନ୍‌ର ଉକ୍ତ ଅଭିଯୋଗ ଏବଂ ଗୁହାରିକୁ ଶୁଣି ସେହି ପ୍ରବାସକାରୀମାନଙ୍କୁ ଯେଉଁମାନଙ୍କୁ ମକ୍କାର ଗଳିରେ ମାଡ଼ ମରା ଯାଉଥିଲା, ଯେଉଁ ପ୍ରବାସକାରୀମାନଙ୍କୁ ସେମାନଙ୍କର ଘରୁ ଓ ସମ୍ପତ୍ତିରୁ ବେଦଖଲ କରି ଦିଆଯାଉଥିଲା ସେହି ପ୍ରବାସକାରୀମାନଙ୍କ ଆତ୍ମା ବିଗଳିତ, ଉତ୍କଣ୍ଠିତ ହୋଇ ଉଠିଲା । ସେମାନଙ୍କ ମନରେ ମଧ ମକ୍କାବାସୀଙ୍କ ପ୍ରତି ଦୟା ସୃଷ୍ଟି ହୋଇଯାଇଥିଲା । ସେହି ପ୍ରବାସକାରୀମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅନ୍‌ସାରମାନ ମକ୍କବାସୀଙ୍କ ଅନ୍ୟାୟ ଓ ଅତ୍ୟାଚାରର ଯେଉଁ ଘଟଣାବଳୀ ଶୁଣିଛନ୍ତି ଆଜି ଏମାନଙ୍କ ଯୋଗୁଁ ଆମେମାନେ ଜାଣି ନାହୁଁ ଯେ, ଏମାନେ କୁରେଶ୍‌ମାନଙ୍କର କେଉଁ ବ୍ୟବହାର ଓ କେଉଁ ଦଶା କରିବେ ? ରସୁଲ୍ କରୀମ୍ ସ.ଅ କହିଲେ, ହେ ଅବୁ ସୁଫିୟାନ୍ ! ସାଆଦ୍ ଯାହା କହିଛନ୍ତି ତାହା ଭୁଲ୍ ଅଟେ । ଆଜିର ଦିନ ହେଉଛି ଦୟା ଓ କରୁଣା ପ୍ରଦର୍ଶନ କରିବାର ଦିନ । ଆଜି ଅଲ୍ଲାଃତାଲା କୁରେଶ୍ ଓ ଖାନା କାଆବାକୁ ମର୍ଯ୍ୟାଦା ଏବଂ ସମ୍ମାନ ପ୍ରଦାନ କରିବେ । ପୁନଶ୍ଚ ଆପଣ ସ.ଅ ଜଣେ ବ୍ୟକ୍ତିକୁ ହ. ସାଆଦ୍ ର.ଅଙ୍କ ଆଡ଼କୁ ପ୍ରେରଣ କଲେ । ସେହି ବ୍ୟକ୍ତି ହ. ସାଆଦ୍ ର.ଅଙ୍କ ପାଖରେ ପହଞ୍ଚି ତାଙ୍କୁ କହିଲା ହେ ସାଆଦ୍ ! ନିଜର ଧ୍ୱଜା ନିଜର ସୁପୁତ୍ର କୈସଙ୍କୁ ଦେଇ ଦିଅନ୍ତୁ । କରଣ ସେ ଆପଣଙ୍କ ସ୍ଥାନରେ ଅନ୍‌ସାର ସୈନ୍ୟବାହିନୀର ସେନାପତି ହେବେ । ଏହିପରି ଭାବରେ ଆଁହଜରତ ସ.ଅ ମକ୍କାବାସୀଙ୍କର ମନ ମଧ ରଖିନେଲେ (ଜିଣିନେଲେ) ଓ ଅନ୍‌ସାରମାନଙ୍କୁ ମଧ ଆଘାତ ପହଞ୍ଚିବାରୁ ସୁରକ୍ଷିତ ରଖିଲେ । ଆଁହଜରତ ସ.ଅଙ୍କୁ ହ. କୈସ୍ ର.ଅଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ମଧ ରହିଥିଲା । କାରଣ କୈସ୍ ର.ଅ ଅତ୍ୟନ୍ତ ଭଦ୍ର, ସଭ୍ୟ, ଶିଷ୍ଟ ସ୍ୱଭାବର ଯୁଗ ବ୍ୟକ୍ତି ଥିଲେ । ଏପରି ଶାନ୍ତ ଶିଷ୍ଟ ବ୍ୟକ୍ତି ଥିଲେ ଯେ, ଇତିହାସରେ ଉଲ୍ଲେଖ ରହିଛି ଯେ, ଆପଣ ର.ଅଙ୍କ ବିୟୋଗ ନିକଟବର୍ତ୍ତୀ ସମୟରେ ଯେତେବେଳେ କେତେକ ଲୋକମାନେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ନିମନ୍ତେ ଆସିଲେ ଏବଂ ଆଉ କେତେକ ଲୋକ ଆସିଲେ ନାହିଁ ସେତେବେଳେ ସେ ନିଜର ମିତ୍ରମାନଙ୍କୁ ପଚାରିଲେ ଯେ, ହେ ମିତ୍ରମାନେ ! କ'ଣ କାରଣ ରହିଛି ଯେ, ମୋର କେତେକ ପରିଚିତ ବନ୍ଧୁମାନେ ମୋର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ନିମନ୍ତେ ଆସିଲେ ନାହାଁ। ତାଙ୍କର ମିତ୍ରମାନେ (ସାଙ୍ଗମାନେ) କହିଲେ, ଆପଣ ଅତ୍ୟନ୍ତ ହିତସାଧନକାରୀ ଓ ପରୋପକାରୀ ବ୍ୟକ୍ତି ଅଟନ୍ତି । ଆପଣ ପ୍ରତ୍ୟେକ ବ୍ୟକ୍ତିକୁ ତା'ର କଷ୍ଟ ସମୟରେ ଋଣ ପ୍ରଦାନ କରିଥାଆନ୍ତି । ସହରର ଅନେକ ଲୋକମାନେ ଆପଣଙ୍କର ଋଣୀ ଅଟନ୍ତି। ସେଇଥି ପାଇଁ ସେମାନେ ଆପଣଙ୍କ ନିକଟକୁ ସ୍ୱାସ୍ଥ୍ୟାବସ୍ଥା ପଚାରିବା ନିମନ୍ତେ ଆସିଲେ ନାହିଁ । କାରଣ ସମ୍ଭବତଃ ଆପଣ ସେମାନଙ୍କୁ ଟଙ୍କା ମାଗି ନେଇ ପାରନ୍ତି। ଆପଣ ର.ଅ କହିଲେ, ଓଃ ହୋ ! ମୋର ମିତ୍ରମାନଙ୍କୁ ଅକାରଣରେ କଷ୍ଟ ସହ୍ୟ କରିବାକୁ ପଡ଼ିଲା । ମୋ ଆଡୁ ସମସ୍ତ ସହରରେ ଘୋଷଣା କରିଦିଅ ଯେ, ପ୍ରତ୍ୟେକ ସେହି ବ୍ୟକ୍ତି ଯାହା ଉପରେ ମୋର (କୈସଙ୍କର) ଋଣ ରହିଛି ସେମାନଙ୍କ ଋଣକୁ ମୁଁ ଛାଡ଼ କରିଦେଇଛି । ତତ୍ପରେ ଲୋକମାନେ ଏପରି ସଂଖ୍ୟାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ନିମନ୍ତେ ଆସିଲେ ଯେ, ତାଙ୍କ ଘରର ପାହାଚଗୁଡ଼ିକ ଭାଙ୍ଗିଗଲା ।" **(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍ ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-342-343)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇବ୍‌ନେ ଅବି ଶୈବା ବର୍ଣ୍ଣନା କରନ୍ତି ଯେ, ହ. ଅବ୍ବାସ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋତେ ଅନୁମତି ପ୍ରଦାନ କରନ୍ତୁ ଯେ, ମୁଁ ମକ୍କାବାସୀଙ୍କ ପାଖକୁ ଯିବି ଏବଂ ସେମାନଙ୍କୁ ଆମନ୍ତ୍ରିତ କରିବି ଓ ଆପଣ ସ.ଅ ସେମାନଙ୍କୁ ଶାନ୍ତି ପ୍ରଦାନ କରିଦେବେ । ସେ ରସୁଲୁଲ୍ଲାଃ ସ.ଅଙ୍କ ଧବଳ ବର୍ଣ୍ଣର ଶହବା ନାମକ ଗଧ ଉପରେ ଆରୋହଣ ହୋଇ ବାହାରି ପଡ଼ିଲେ । ସେ ମକ୍କାରେ ପ୍ରବେଶ କଲେ ଏବଂ ସେ କହିଲେ, ହେ ମକ୍କାବାସୀମାନେ! ତୁମେମାନେ ଚାଲି ଆସ ଏବଂ ତୁମେମାନେ ମୁକ୍ତି ପ୍ରାପ୍ତ କରିନେବ । ତୁମ ନିକଟକୁ ଏତେ ବିଶାଳ ସୈନ୍ୟବାହିନୀ ଆସିଅଛି । ସେହି ସୈନ୍ୟବାହିନୀ ସହିତ ମୁକାବିଲା କରିବା ନିମନ୍ତେ ତୁମ ମଧରେ ଶକ୍ତି ଓ ସାମର୍ଥ୍ୟ ନାହିଁ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-223, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ସୈନ୍ୟବାହିନୀ ଅତିକ୍ରମ କରି ସାରିଲା ସେତେବେଳେ ହ. ଅବ୍ବାସ୍ ର.ଅ ଅବୁ ସୁଫିୟାନ୍‌କୁ କହିଲେ, ହେ ଅବୁ ସୁଫିୟାନ୍ ! ବର୍ତ୍ତମାନ ତୁମେ ନିଜର ବାହନକୁ ଦଉଡ଼େଇ ମକ୍କା ଠାରେ ପହଞ୍ଚ ଓ ସେହି ଲୋକମାନଙ୍କୁ ସୂଚନା ତଥା ଅବଗତ କରାଅ ଯେ, ମୁହମ୍ମଦ ରସୁଲୁଲ୍ଲାଃ ସ.ଅ ଆସିଯାଇଛନ୍ତି । ସେମାନେ ଏହିପରି ଭାବରେ ମକ୍କା ବାସୀନ୍ଦାଙ୍କୁ ଶାନ୍ତି ପ୍ରଦାନ କରିଛନ୍ତି । ଅପରପକ୍ଷେ ଅବୁ ସୁଫିୟାନ୍ ନିଜ ମନରେ ପ୍ରସନ୍ନ ଥିଲା ଏବଂ ମନରେ କହୁଥିଲା ଯେ, ମୁଁ ମକ୍କାର ଲୋକମାନଙ୍କ ସକାଶେ ମୁକ୍ତିର ମାର୍ଗ ବାହାର କରି ନେଇଛି । ଅବୁ ସୁଫିୟାନ୍‌ର ପତ୍ନି ହିନ୍ଦା ଯେକି ଇସ୍‌ଲାମ୍ ଧର୍ମର ପ୍ରାରମ୍ଭିକ କାଳରେ ମୁସଲମାନମାନଙ୍କ ପ୍ରତି ବିଦ୍ୱେଷ ଓ ଈର୍ଷା ଭାବ ପୋଷଣ କରିବା ନିମନ୍ତେ ଲୋକମାନଙ୍କୁ ଶିକ୍ଷା ପ୍ରଦାନ କରି ଆସିଥିଲା । ସେ (ଅବୁ ସୁଫିୟାନ୍‌ର ପତ୍ନି) ଅବିଶ୍ୱାସକାରୀଣୀ ହେବା ସତ୍ତ୍ୱ ବାସ୍ତବରେ ଜଣେ ସାହସୀ ମହିଳା ଥିଲା । ସେ ଆଗକୁ ଅଗ୍ରସର ହୋଇ ନିଜର ସ୍ୱାମୀର ଦାଢିକୁ ଧରିଲା ଏବଂ ମକ୍କାବାସୀଙ୍କୁ ଡାକ ମାରିବକୁ ଲାଗିଲା ଯେ, ହେ ମକ୍କାବାସୀମାନେ ! ମୋର ଏହି ବୃଦ୍ଧ ମୂର୍ଖ ସ୍ୱାମୀର ସଂହାର କରିଦିଅ । ହେ ମକ୍କାବାସୀମାନେ ଏହି ମୋର ଏହି ମୂର୍ଖ ସ୍ୱାମୀ ତୁମମାନଙ୍କୁ ଏହି ଉପଦେଶ ଦେଉଛି ଯେ, ତୁମେମାନେ ଯାଇ ନିଜର ପ୍ରାଣ ଏବଂ ନିଜର ସହରର ସମ୍ମାନ ନିମନ୍ତେ ଲଢୁଥାଅ । ସମ୍ମାନ ନିମନ୍ତେ ଲଢି ତୁମେମାନେ ମୃତ୍ୟୁବରଣ କର ପଛେ ହେଲେ ମୋର ଏହି ମୂର୍ଖ ସ୍ୱାମୀ ତୁମମାନଙ୍କ ମଧରେ ଶାନ୍ତିର ସନ୍ଦେଶ ଘୋଷଣା କରୁଛି । ଅବୁ ସୁଫିୟାନ୍ ନିଜ ପତ୍ନିର ଉକ୍ତ ଆଚରଣକୁ ଦେଖି କହିଲା, ହେ ମୋର ମୂର୍ଖ ପତ୍ନି ! ବର୍ତ୍ତମାନ ଏସବୁ କଥା କହିବାର ସମୟ ଆଉ ନାହିଁ । ଯା ପଳା । ଯାଇ ନିଜ ଘରେ ଯାଇ ଲୁଚି ଯା । ମୁଁ ସେହି ସୈନ୍ୟବାହିନୀକୁ ଦେଖି ଆସିଛି ଯେଉଁ ସୈନ୍ୟବାହିନୀ ସହିତ ମୁକାବିଲା କରିବା ନିମନ୍ତେ ସମଗ୍ର ଆରବବାସୀଙ୍କ ମଧରେ ଶକ୍ତି ଓ ସମାର୍ଥ ନାହିଁ । **(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍ ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-343-344)**

ହୁଜୁର ଅନୱର୍ ଅ.ବ କହିଲେ, ଇସ୍‌ଲାମୀୟ ସୈନ୍ୟବାହିନୀର ମକ୍କାର ପ୍ରବେଶ କରିବାର ଘଟଣା ସଂପର୍କରେ ଉଲ୍ଲେଖ ରହିଛି ଯେ, ବୁଖାରୀରେ ହ. ଉର୍‌ୱା ର.ଅ ବର୍ଣ୍ଣନା କରନ୍ତି ଯେ, ଆପଣ ସ.ଅ ହ. ଜୁବୈର୍‌ଙ୍କୁ ଆଦେଶ ଦେଲେ ଯେ, ସେ ମକ୍କାର ଉପରିସ୍ଥ ଭାଗ କଦାରୁ ହିଁ ପ୍ରବେଶ କରନ୍ତୁ । ସେ ନିଜର ଧ୍ୱଜା ହଜୁନ୍ ଠାରେ ରୋପଣ କରି ଦିଅନ୍ତୁ ଓ ଆପଣ ସ.ଅଙ୍କ ନଆସିବା ପର୍ଯ୍ୟନ୍ତ ନିଜର ସ୍ଥାନକୁ ଛାଡ଼ିବେ ନାହିଁ । ହଜୁନ୍ ଉପତ୍ୟକା ମୁହସ୍‌ସବ୍ ଦିଗରେ ଅବସ୍ଥିତ ଏକ ପର୍ବତ ଅଟେ । ଏହି ମୁହସ୍‌ସବ୍ ଉପତ୍ୟକା ବୈତୁଲ୍ଲାଃ ଠାରୁ ଦେଢ ମାଇଲ୍ ଦୂରତାରେ ଅବସ୍ଥିତ ଅଟେ ।

ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ସୈନ୍ୟବାହିନୀର ଡାହାଣ ପାର୍ଶ୍ୱ ଏବଂ ଡାହାଣ ଭାଗରେ ମୁତୟନ ହୋଇଥିଲେ । ତାଙ୍କ ସୈନ୍ୟବାହିନୀରେ ଅସ୍‌ଲମ୍, ସୁଲୈମ୍, ଗିଫାର, ମୁଜୈନା ଓ ଜୁହୈନା ସଂପ୍ରଦାମାନେ ସାମିଲ୍ ଥିଲେ । ରସୁଲୁଲ୍ଲାଃ ସ.ଅ ସେମାନଙ୍କୁ ଆଦେଶ ଦେଲେ ଯେ, ସେମାନେ ପାବନ ଭୂମି ମକ୍କାର ଢାଲୁ (ଗଡ଼ାଣିଆ) ଅଞ୍ଚଳ ଲିତ୍ ଠାରୁ ପ୍ରବେଶ କରନ୍ତୁ । ଆପଣ ସ.ଅ ସେହି ସୈନ୍ୟବାହିନୀକୁ ନିକଟବର୍ତ୍ତୀ ଘରମାନଙ୍କ ପାଖରେ ଧ୍ୱଜା ରୋପଣ କରିଦେବା ନିମନ୍ତେ ଆଦେଶ ଦେଲେ । ଆଁହଜରତ ସ.ଅ ହ. ଅବୁ ଉବୈଦାହ୍ ବିନ୍ ଜର୍‌ରାହ୍ ର.ଅଙ୍କୁ ପଦାତିକ ବାହିନୀରେ ନିଯୁକ୍ତ କରିଥିଲେ ।

ଆଁହଜରତ ସ.ଅ ନିଜର ଅମୀର୍‌ମାନଙ୍କୁ ଆଦେଶ ଦେଇଥିଲେ କି ସେମାନେ ଯୁଦ୍ଧରୁ ନିଜର ହାତ ଅଟକାଇ ରଖନ୍ତୁ । ଯୁଦ୍ଧ କରନ୍ତୁ ନାହିଁ । ଯେଉଁ ଶତ୍ରୁ ସେମାନଙ୍କ ସହିତ ଯୁଦ୍ଧ କରନ୍ତି କେବଳ ସେହିମାନଙ୍କ ସହିତ ହିଁ ଯୁଦ୍ଧ କରନ୍ତୁ । ଇବ୍‌ନେ ଇସ୍‌ହାକ୍ ଉଲ୍ଲେଖ କରନ୍ତି ଯେ, ସଫ୍‌ୱାନ୍, ଇକ୍ରମା ଓ ସୁହୈଲ୍ ରୁସଲୁଲ୍ଲାଃ ସ.ଅଙ୍କ ସହିତ ଯୁଦ୍ଧ କରିବା ନିମନ୍ତ ଲୋକମାନଙ୍କୁ ଡାକିଲେ । ଏମାନେ ଲୋକମାନଙ୍କୁ ଖନ୍ଦମା ଠାରେ ଏକତ୍ରିତ କଲେ । ଖନ୍ଦମା ମିନା ମାର୍ଗରେ ମକ୍କାର ଏକ ପ୍ରସିଦ୍ଧ ପର୍ବତ ଅଟେ। କୁରେଶ୍‌ମାନେ ବନୁ ବକର୍ ଓ ହୁଜୈଲ୍‌ର ଲୋକମାନେ ଏମାନଙ୍କ ପାଖରେ ଏକତ୍ରିତ ଥିଲେ । ସେମାନେ ଅସ୍ତ୍ରଶସ୍ତ୍ର ପିନ୍ଧିଥିଲେ । ଅସ୍ତ୍ରଶସ୍ତ୍ର ଦ୍ୱାରା ସୁସଜ୍ଜିତ ଥିଲେ । ସେମାନେ ଅଲ୍ଲାଃତାଲାଙ୍କ ରାଣ ଖାଉଥିଲେ ଯେ, ମୁହମ୍ମଦ ସ.ଅ କେବେ ବି ସୈନ୍ୟ ଶକ୍ତି ମାଧମରେ ମକ୍କା ମଧରେ ପ୍ରବେଶ କରି ପାରିବେ ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବନୁ ଦିଲ୍ ଅର୍ଥାତ୍ ବନୁ ବକର୍‌ର ଜିମାଶ ବିନ୍ କୈସ୍ ନାମକ ଜଣେ ବ୍ୟକ୍ତି ଯେତେବେଳେ ଆଁହଜରତ ସ.ଅଙ୍କ ଆଗମନ ସଂପର୍କରେ ଶୁଣିଲା ସେତେବେଳେ ସେ ନିଜର ଅସ୍ତ୍ରଶସ୍ତ୍ର ସଜାଡ଼ିବାକୁ ଲାଗିଲା । ତା'ର ପତ୍ନି ତା'କୁ କହିଲା, ଏହି ପ୍ରସ୍ତୁତ କେଉଁଥି ପାଇଁ ହେଉଛି ? ଜିମାଶ୍ କହିଲା, ମୁହମ୍ମଦ ସ.ଅ ଓ ତା'ର ସାଥିମାନଙ୍କ ନିମନ୍ତେ ଏହି ପ୍ରସ୍ତୁତି ହେଉଛି । ସେହି ମହିଳା ଜଣକ କହିଲା, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଆଜି ମୁହମ୍ମଦ ସ.ଅଙ୍କ ସମ୍ମୁଖରେ କୌଣସି ବସ୍ତୁ ତିଷ୍ଠି ପାରିବ ନାହିଁ । ଜମାଶ୍‌ର ପତ୍ନି ଜଣେ ବୁଦ୍ଧିମତି ମହିଳା ଥିଲା । ଜିମାଶ ବିନ୍ କୈସ୍ ଅତ୍ୟନ୍ତ ଅହଂକାର ପୂର୍ବକ ଓ ତାଚ୍ଛଲ୍ୟପୂର୍ବକ ଢଙ୍ଗରେ କହିଲା, ହେ ମୋର ପ୍ରିୟ ପତ୍ନି ସେମାନଙ୍କ (ଆଁହଜରତ ସ.ଅ ଓ ଆପଣ ସଅଙ୍କ ସାହବାମାନଙ୍କ ମଧରୁ) ମଧରୁ ଜଣକୁ ମୁଁ ତୋ ସେବାରେ ଅବଶ୍ୟ ଉପସ୍ଥାପିତ କରିଦେବି । ଅର୍ଥାତ୍ ମୁସଲମାନମାନଙ୍କୁ ମୁଁ ଦାସ କରି ଆଣିବି । ହେ ମୋର ପତ୍ନୀ ! ତୁମକୁ ଜଣେ ବ୍ୟକ୍ତିର ଆବଶ୍ୟକତା ରହିଛି ଯିଏ ତୁମର ସେବା କରିବ । ତେଣୁ ମୁଁ ତୁମ ପାଇଁ ଗୋଟିଏ ଦାସ ଘିନି ଆଣିବି । ସେହି ମହିଳା ଜଣକ କହିଲା, ହେ ମୋ ସ୍ୱାମୀ ! ତୁମର ସର୍ବନାଶ ହେଉ । ତୁମେ ଏପରି କର ନାହିଁ । ତୁମେ ମୁହମ୍ମଦ୍ ସ.ଅଙ୍କ ସହିତ ଯୁଦ୍ଧ କର ନାହିଁ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ତୁମର ମତାମତ ଆଦୌ ଠିକ୍ ନୁହେଁ । ଏପରି ହୁଅନ୍ତା କି

**ହଦିସେ ନବ୍ୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

ତୁମେ ମୁହମ୍ମଦ୍ ସ.ଅ ଓ ତାଙ୍କର ସାଥିମାନଙ୍କୁ ଦେଖି ନାଇଥାଆନ୍ତ । ଜିମାଶ୍ କହିଲା, ହେ ମୋର ପତ୍ନି ! ତୁମେ ଖୁବ ଶୀଘ୍ର ଦେଖିନେବ । ସୁତରାଂ ସେ ସଫୱାନ୍, ଇକ୍ରମା, ସୁହେଲ୍ ସହିତ ଖନ୍ଦମା (ଏକ ସ୍ଥାନର ନାମ)କୁ ଚାଲିଗଲା । ଯେତେବେଳେ ହ. ଖାଲିଦ୍ ର.ଅ ସେହି ମାର୍ଗ ଦେଇ ଏପରି ପ୍ରବେଶ କଲେ ଯେପରି ଆଁହଜରତ ସ.ଅ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ଆଦେଶ ଦେଇଥିଲେ ସେତେବେଳେ ସେ ଅର୍ଥାତ୍ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଏକ ସୈନ୍ୟଦଳ ଦେଖିଲେ । ସେହି ସୈନ୍ୟବାହିନୀ ହ. ଖାଲିଦ୍ ଓ ତାଙ୍କର ସୈନ୍ୟବାହିନୀକୁ ଖନ୍ଦମା ଅଞ୍ଚଳରେ ପ୍ରବେଶ କରିବାରୁ ଅବରୋଧ (ଅଟକାଇଲେ) ଏବଂ ସେମାନଙ୍କ ସମ୍ମୁଖରେ ଅସ୍ତ୍ରଶସ୍ତ୍ର ପବନରେ ହଲାଇଲେ ଓ ସେମାନଙ୍କ ଉପରେ ତୀର ବର୍ଷଣ କଲେ । ସେମାନେ କହିଲେ, ହେ ଖାଲିଦ୍ ! ତୁମେ ସୈନ୍ୟବଳ ମାଧ୍ୟମରେ ଏଠାରେ ପ୍ରବେଶ କରି ପାରିବେ ନାହିଁ । ହ. ଖାଲିଦ୍ ର.ଅ ନିଜର ସାଥିମାନଙ୍କୁ ଡାକ ମାରିଲେ ଏବଂ ଅବିଶ୍ୱାସକାରୀମାନଙ୍କ ସହିତ ଯୁଦ୍ଧ ହେଲା । ବନୁ ବକର୍‌ର 20 ଜଣ ଓ ହୁଜୈଲ୍ ସଂପ୍ରଦାୟର ତିନି ଚାରି ଜଣ ସଦସ୍ୟ ମୃତ୍ୟୁବରଣ କଲେ ।

ଇବନେ ଇସହାକଙ୍କ ଅନୁଯାୟୀ ଅବିଶ୍ୱାସକାରୀମାନଙ୍କ 13 ଜଣ ବ୍ୟକ୍ତି ନିହତ ହେଲେ । ସେମାନଙ୍କର ଶୋଚନୀୟ ଭାବରେ ପରାଜୟ ଘଟିଥିଲା । ସେମାନେ ପ୍ରତ୍ୟେକ ପାର୍ଶ୍ୱରେ ବିକ୍ଷିପ୍ତ ହୋଇଗଲେ । ଏକ ଗୋଷ୍ଠୀ ପର୍ବତ ଉପରେ ଚଢିଗଲା । ଜିମାଶ୍ ବିନ୍ କୈସ୍ ଯିଏ ଅତ୍ୟନ୍ତ ଅହଂକାରପୂର୍ବକ ନିଜର ପତ୍ନିକୁ ଉତ୍ତର ଦେଉଥିଲା ସେ ସେଠାରୁ ପଳାୟନ କଲା ଏବଂ ନିଜ ଘରେ ପହଞ୍ଚି ସ୍ତ୍ରୀକୁ କହିଲା, ହେ ମୋର ପତ୍ନୀ ! ତୁମେ ଶୀଘ୍ର କବାଟ ବନ୍ଦ କର । ପତ୍ନି ନିଜର ସ୍ୱାମୀକୁ ପଚାରିଲା ହେ ମୋର ସ୍ୱାମୀ (ଜିମାଶ୍) ! ତୁମେ ଯେଉଁ ବଡ଼ ବଡ଼ ଦାବି କରୁଥିଲ ଓ ବଡ଼ ବଡ଼ ବାହାପିଆ କଥା କହୁଥିଲ ସେସବୁ କୁଆଡ଼େ ଗଲା ? ତୁମେ ପରା ଏବେ ଏବେ କହିଥିଲ ଯେ, ତୁମେ ମୋ ପାଇଁ ଦାସ ଘିନି ଆଣିବ । ସେ ଅର୍ଥାତ୍ ଜିମାଶ ବିନ୍ କୈସ୍ କ୍ଷମା ପ୍ରାର୍ଥୀ ହେଲା ଏବଂ କ୍ଷମା କଣ୍ଠରେ ଉତ୍ତର ଦେଲା ଓ କିଛି କବିତା ପାଠ କରି ଶୁଣାଇଲା। ସେହି କବିତାର ଭାବାର୍ଥ ଏହା ଥିଲା ଯେ, ହେ ମୋର ପତ୍ନି ତୁମେ ଯଦି ସେହି ଖନ୍ଦମା ଯୁଦ୍ଧର ଦୃଶ୍ୟ ସ୍ୱୟଂ ନିଜ ଚକ୍ଷୁରୁ ଦେଖିନେଇ ଥାଆନ୍ତ ଅର୍ଥାତ୍ ଯୁଦ୍ଧରେ ସଫୱାନ୍ ପଳାୟନ କଲା ଓ ଇକ୍ରମା ମଧ୍ୟ ପଳାୟନ କଲା । ସେହି ସମସ୍ତଙ୍କୁ ଖଡ଼୍ଗ ଦ୍ୱାରା ସ୍ୱାଗତ କରାଗଲା । ଖଡ଼୍ଗ ପ୍ରତ୍ୟେକ କଟଟ ବା ମଣିବନ୍ଧ ଏବଂ ପ୍ରତ୍ୟେକ ମସ୍ତିଷ୍କର ଖପୁରୀ ଉପରେ ପ୍ରହାର କରି ତାହାକୁ ଦୁଇ ଫାଳ କରି ପକାଉଥିଲା । କୋଳାହଳ ଏବଂ କରୁଣ ଚିତ୍କାର ବ୍ୟତୀତ ଅନ୍ୟ କୌଣସି ଶବ୍ଦ ଶୁଭୁ ନଥିଲା । ଆମମାନଙ୍କ ପଛରେ ସେମାନଙ୍କ ଖଡ଼୍ଗ ଦାଢ ଓ ଛାତିରୁ ବାହରୁଥିଲା, ଶବ୍ଦ ଓ କ୍ରୋଧ ଗରମ ଜଳ ପରି ଫୁଟୁଥିବା ଶୁଭୁଥିଲା । ଅତଏବ୍ ତୁ ନିଜ ତୁଣ୍ଡରୁ ଆମମାନଙ୍କୁ ଆଉ ନିନ୍ଦା କର ନା ରେ ଓ ଅପବାଦ କରିବା ଛାଡ଼ି ଦେ । ଆଉ ପଦୁଟିଏ ଭର୍ତ୍ସନା ଓ ନିନ୍ଦାମୂଳକ କଥା ତୁ ନିଜ ପାଟରୁ ଆଉ ବାହାରେ କରନା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବୁଖାରୀରେ ବର୍ଣ୍ଣିତ ହୋଇଛି ଯେ, ହ. ଖାଲିଦ୍ ର.ଅଙ୍କ ଅଶ୍ୱାରୋହୀମାନଙ୍କ ମଧ୍ୟରୁ ଦୁଇ ଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ । ହ. ହୁୟୈଶ୍ ବିନ୍ ଅଶ୍‌ଅର୍ ଓ ହ. କୁର୍ଜ୍ ବିନ୍ ଜାବିର୍ ଫିହ୍‌ରି ର.ଅ । **(ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଐନା ରିକ୍‌ଜୁନ୍ ନବୀ ସ.ଅ ଅର୍ ରାୟାତା ୟୌମୁଲ୍ ଫତ୍‌ହି, ହଦିସ୍ ନଂ-4280)(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-227-228, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ଜୀବନୀ ଶବ୍ଦକୋଷ, ପୃ-149-150, ଦାରୁସ୍ ସଲାମ୍) (ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-3, ପୃ-416, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଫତ୍‌ହୁଲ୍ ବାରି, ଭାଗ-8, ପୃ-13, କଦିମି କୁତୁବ୍ ଖାନା, ଆରାମ୍ ବାଗ୍, କରାଚୀ) (ଜୀବନୀ ଶବ୍ଦକୋଷ, ପୃ-100-116, ଜୱାର୍ ଏକାଡ଼େମୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମକ୍କାବାସୀଙ୍କ ନିମନ୍ତେ ଶାନ୍ତିର ଘୋଷଣା ସଂପର୍କରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅ ଅବୁ ସୁଫିୟାନ୍‌କୁ ଶାନ୍ତି ଦେଲେ ଓ ହକିମ୍ ବିନ୍ ହିଜାମ୍‌କୁ ମଧ୍ୟ ଶାନ୍ତି ପ୍ରଦାନ କଲେ । ଆପଣ ସ.ଅ ସେମାନଙ୍କୁ କହିଲେ, ସେମାନେ ମକ୍କା ଯାଇ ସେଠାରେ ଘୋଷଣା କରି ଦିଅନ୍ତୁ ଯେ, ଯେଉଁ ବ୍ୟକ୍ତି ନିଜର ଅସ୍ତ୍ରଶସ୍ତ୍ର ଫିଙ୍ଗିଦେବ ଅର୍ଥାତ୍ ଆତ୍ମ ସମର୍ପଣ କରିଦେବ ତା'କୁ ଶାନ୍ତି ପ୍ରଦାନ କରାଯିବ, ଯେଉଁ ବ୍ୟକ୍ତି ଅବୁ ସୁଫିୟାନ୍‌ର ଘରକୁ ଚାଲିଯିବ ଅର୍ଥାତ୍ ଅବୁ ସୁଫିୟାନ୍ ଘରେ ଯାଇ ଆଶ୍ରୟ ନେବ ତେବେ ସେହି ବ୍ୟକ୍ତିକୁ ମଧ୍ୟ ଶାନ୍ତି (ସୁରକ୍ଷା) ପ୍ରଦାନ କରାଯିବ । ଯେଉଁ ବ୍ୟକ୍ତି କାଆବାର ମସ୍‌ଜିଦ୍‌ରେ ପ୍ରବେଶ କରିଯିବ (ଅର୍ଥାତ୍ ଆଶ୍ରୟ ନେବ) ତେବେ ସେହି ବ୍ୟକ୍ତିକୁ ମଧ୍ୟ ଶାନ୍ତି (ସୁରକ୍ଷା) ପ୍ରଦାନ କରାଯିବ । ଯେଉଁ ବ୍ୟକ୍ତି ନିଜର ଦ୍ୱାର ବନ୍ଦ କରି ଘରେ ବସିଯିବ ତେବେ ସେହି ବ୍ୟକ୍ତିକୁ ମଧ୍ୟ ଶାନ୍ତି (ସୁରକ୍ଷା) ପ୍ରଦାନ କରାଯିବ । ଯେଉଁ ବ୍ୟକ୍ତି ହକିମ୍ ବିନ୍ ହିଜାମ୍‌ଙ୍କ ଘରକୁ ଚାଲିଯିବ (ଅର୍ଥାତ୍ ଆଶ୍ରୟ ନିଏ) ତେବେ ସେହି ବ୍ୟକ୍ତିକୁ ମଧ୍ୟ ଶାନ୍ତି (ସୁରକ୍ଷା) ପ୍ରଦାନ କରାଯିବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମକ୍କାବାସୀମାନେ ଶାନ୍ତି ପ୍ରାପ୍ତ କରୁଥିଲେ। ଏଭଳି ପରିସ୍ଥିତିରେ ଆଁହଜରତ ସ.ଅ ନିଜର ପ୍ରାଣୋତ୍ସର୍ଗୀ, ପ୍ରେମୀ, ବିଶ୍ୱସ୍ତ ସାଥିମାନଙ୍କୁ ଭୁଲି ନଥିଲେ । ନିଃସନ୍ଦେହ ରୂପେ କିଛି ବର୍ଷ ତଳେ ଆପଣ ସ.ଅଙ୍କ ଉପରେ ଓ ସାହାବାମାନଙ୍କ ଉପରେ ଯେଉଁ ଅକଥନୀୟ ଅତ୍ୟାଚାର ହୋଇଥିଲା, ସେହି ଅତ୍ୟାଚାରକୁ ଆପଣ ସ.ଅ ଭୁଲି ନଥିଲେ । ଆପଣ ସ.ଅ କହିଲେ, "ହେ ସାହାବାମାନେ ବିଲାଲ୍ ର.ଅଙ୍କ ଧ୍ୱଜାକୁ ସଳଖ କରି ଛିଡ଼ାକର ଏବଂ ମକ୍କାର ସେହି ଅଧିପତିମାନଙ୍କୁ କହିଦିଅ ଯେଉଁମାନେ ନିଜର ଜୋତା ନେଇ ବିଲାଲ୍‌ଙ୍କ ଛାତି ଉପରେ ଚଢି ନାଚୁଥିଲେ, ଯେଉଁମାନେ ବିଲାଲଙ୍କ ଗୋଡ଼ରେ ଦଉଡ଼ି ବାନ୍ଧି ତାଙ୍କୁ ଘୋଷାରି ଘୋଷାରି ନେଉଥିଲେ । ଆଜି ସେହି ବିଲାଲ୍ ବିଜୟୀ ସୈନ୍ୟବାହିନୀରେ ସାମିଲ୍ ଅଛି । ହ. ବିଲାଲ୍ ର.ଅଙ୍କ ମସ୍ତିଷ୍କରେ ମଧ୍ୟ ଅତ୍ୟାଚାରର ସେହି ଦୃଶ୍ୟ ଏବଂ ସେହି ସ୍ମୃତି ମନେ ପଡ଼ିଯାଇଥିବ । ହ. ବିଲାଲ୍ ର.ଅ ଏହାର ପ୍ରତିଶୋଧ ନେବେ ବୋଲି ସାହାବାମାନେ ଆବଶ୍ୟକ ମନେକରିଥିବେ । କିନ୍ତୁ ହ. ବିଲାଲ୍ ଓ ଆପଣ ସ.ଅ କିପରି ସୁନ୍ଦର ପ୍ରତିଶୋଧ ନେଲେ । ହ. ମୁସଲେହ୍ ମଉଦ୍ ର.ଅ ଏଥି ସଂକ୍ରାନ୍ତରେ ବର୍ଣ୍ଣନା କରିଛନ୍ତି ଯେ, ଏହାପରେ ଅବୁ ରୁୱୈହା ର.ଅ ନିଗ୍ରୋ ହ. ବିଲାଲ୍ ର.ଅଙ୍କ ଭାଇ ଥିଲେ ତାହାଙ୍କ ସଂପର୍କରେ ଆପଣ ସ.ଅ କହିଲେ, ମୁଁ ବର୍ତ୍ତମାନ ଅବୁ ରୁୱୈହାକୁ ନିଜର ଧ୍ୱଜା ପ୍ରଦାନ କରୁଛି । ଯେଉଁ ବ୍ୟକ୍ତି ଅବି ରୁୱୈହାଙ୍କ ଧ୍ୱଜା ତଳେ ଛିଡ଼ା ହେବ ଆମେମାନେ ସେହି ବ୍ୟକ୍ତିକୁ କିଛି କହିବୁ ନାହିଁ । ହ. ବିଲାଲ୍ ର.ଅ କହିଲେ, ହେ ଅବି ରୁୱୈହା ତୁମେମାନେ ସାଙ୍ଗରେ ଏହି ଘୋଷଣା ମଧ୍ୟ କରିଚାଲ ଯେ, ଯେଉଁ ବ୍ୟକ୍ତି ଅବି ରୱାହା ଧ୍ୱଜା ତଳେ ଚାଲି ଆସିବ ସେହି ବ୍ୟକ୍ତିକୁ ଶାନ୍ତି ପ୍ରଦାନ କରାଯିବ । ଅର୍ଥାତ୍ ସେହି ବ୍ୟକ୍ତି ସୁରକ୍ଷିତ ରହବି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଆଦେଶରେ ଅତ୍ୟନ୍ତ ତତ୍ତ୍ୱ ଓ ଗୁପ୍ତ ରହସ୍ୟ ନିହିତ ଥିଲା । ମକ୍କାର ଲୋକମାନେ ହ. ବିଲା ର.ଅଙ୍କ ଗୋଡ଼ରେ ଦଉଡ଼ି ବାନ୍ଧି ତାଙ୍କୁ ଗଳିରେ ଘୋଷାରି ବୁଲୁଥିଲେ । ମକ୍କାର ଗଳି, ମକ୍କାର ଭୂମି ବିଲାଲ୍ ର.ଅଙ୍କ ନିମନ୍ତେ ଶାନ୍ତିର ସ୍ଥାନ ନଥିଲା । ବରଂ ତାହା ଶାସ୍ତି, ଉପହାସ୍, ତିରସ୍କାର ଓ ତାଚ୍ଛଲ୍ୟର ସ୍ଥାନ ଥିଲା । ରସୁଲୁଲ୍ଲାଃ ସ.ଅ ଭାବି କହିଲେ ଯେ, ବିଲାଲ୍ ର.ଅଙ୍କ ହୃଦୟ ଆଜି ପ୍ରତିଶୋଧ ଆଡ଼କୁ ବରାମ୍ବାର ଆକର୍ଷିତ ହେଉଥିବ । ଏହି ବିଶ୍ୱସ୍ତ ସାଥିର ପ୍ରତିଶୋଧ ନେବା ମଧ୍ୟ ଅତ୍ୟନ୍ତ ଜରୁରୀ ଅଟେ । କିନ୍ତୁ ଏହା ଆବଶ୍ୟକ ଯେ, ଆମମାନଙ୍କର ପ୍ରତିଶୋଧ ଇସ୍‌ଲାମୀୟ ପନ୍ଥା ଓ ମର୍ଯ୍ୟାଦା ଅନୁଯାୟୀ ହେବା ଉଚିତ୍। ଅତଏବ୍ ଆପଣ ସ.ଅ ହ. ବିଲାଲ୍ ର.ଅଙ୍କ ପ୍ରତିଶୋଧ ଏପରି ନେଲେ ନାହିଁ ଯେ, ଆପଣ ସ.ଅ ଖଡ଼୍ଗ ସାହାଯ୍ୟରେ ଶତ୍ରୁମାନଙ୍କର ସ୍କନ୍ଧଚ୍ୟୁତ କରିଦେଲେ । ବରଂ ତା'ର ଭାଇ ହାତରେ ଏକ ଧ୍ୱଜା ଦେଇ ତା'କୁ ଛିଡ଼ା କରିଦେଲେ ଏବଂ ହ. ବିଲାଲ୍ ର.ଅଙ୍କୁ ଏଥି ନିମନ୍ତେ ନିୟୋଜିତ କରିଦେଲେ ଯେ, ସେ (ହ. ବିଲାଲ୍ ର.ଅ) ଏହି ଘୋଷଣା କରନ୍ତୁ ଯେ, ଯେକେହି ମୋ ଭାଇ ଧ୍ୱଜା ତଳେ ଆସି ଛିଡ଼ା ହୋଇଯିବ ସେହି ବ୍ୟକ୍ତିକୁ ଶାନ୍ତି ପ୍ରଦାନ କରାଯିବ । ଏହା କିପରିକା ଭବ୍ୟ ପ୍ରତିଶୋଧ ଥିଲା ଏବଂ କିପରିକା ଉତ୍ତମ ପ୍ରତିଶୋଧ ଥିଲା ? ଯେତେବେଳେ ହ. ବିଲାଲ୍ ର.ଅ ଉଚ୍ଚ ସ୍ୱରରେ ଏହି ଘୋଷଣା କରିଥିବେ ଯେ, ହେ ମକ୍କାବାସୀମାନେ ! ଆସ ଏବଂ ମୋ ଭାଇ ଧ୍ୱଜା ତଳେ ଛିଡ଼ା ହଇଯାଅ । ତୁମମାନଙ୍କୁ ଶାନ୍ତି ପ୍ରଦାନ କରାଯିବ । ଅତଏବ୍ ସେତେବେଳେ ତା'ର ଅର୍ଥାତ୍ ହ. ବିଲାଲ୍ ର.ଅଙ୍କ ହୃଦୟ ସ୍ୱତଃସ୍ଫୂର୍ତଃ ପ୍ରତିଶୋଧର ଆବେଗରୁ ଶୂନ୍ୟ ହୋଇଯାଉଥିବ ଏବଂ ହ. ବିଲାଲ୍ ର.ଅ ଏହା ଅନୁଭବ କରି ନେଇଥିବେ ଯେ, ମୁହମ୍ମଦ୍ ସ.ଅ ଯେଉଁ ପ୍ରତିଶୋଧ ନେବା ନିମନ୍ତେ ମୋତେ ପ୍ରସ୍ତାବ ଦେଇଛନ୍ତି ତାହାଠାରୁ ଅଧିକ ଭବ୍ୟ ଏବଂ ତା'ଠାରୁ ଉତ୍ତମ ପ୍ରତିଶୋଧ ମୋ ନିମନ୍ତେ ଆଉ କିଛି ହୋଇ ପାରିବ ନାହିଁ । **(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍ ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-340-341)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଉ ଏକ୍ ସ୍ଥାନରେ ଆପଣ ର.ଅ (ହ. ମୁସ୍‌ଲେହ୍ ମଉଦ୍ ର.ଅ) ଉକ୍ତ ଘଟଣାକୁ ଏହିପରି ବର୍ଣ୍ଣନା କରିଛନ୍ତି ଯେ, ଉକ୍ତ ଘଟଣାରେ ଯେଉଁ ସବୁଠୁ ମହାନ୍ ତଥା ଭବ୍ୟ କଥା ରହିଛି ତାହା ଏହିକି ଯେ, ହ. ବିଲାଲ୍ ର.ଅଙ୍କ ଧ୍ୱଜା। ରସୁଲ୍ କରୀମ୍ ସ.ଅ ହ. ବିଲାଲ୍ ର.ଅଙ୍କ ଧ୍ୱଜା ତିଆରି କରନ୍ତି ଏବଂ କୁହନ୍ତି, ଯେଉଁ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ବ୍ୟକ୍ତି ବିଲାଲ୍ ର.ଅଙ୍କ ଧ୍ୱଜା ତଳେ ଛିଡ଼ା ହୋଇଯିବ । ଅର୍ଥାତ୍ ଏଠାରେ ତହିଁରୁ ହ. ବିଲାଲ୍ ର.ଅଙ୍କ ଭାଇ ଯଥାର୍ଥ ଅଟନ୍ତି । ସେହି ବ୍ୟକ୍ତିକୁ ଆଶ୍ରୟ ପ୍ରଦାନ କରାଯିବ। କିନ୍ତୁ ଅଧିପତି ତ' ମୁହମ୍ମଦ ସ.ଅ ଥିଲେ । କିନ୍ତୁ ମୁହମ୍ମଦ ସ.ଅଙ୍କର କୌଣସି ଧ୍ୱଜା ଛିଡ଼ା କରାଯାଉ ନାହିଁ । ଆପଣ ସ.ଅଙ୍କ ପରେ ସର୍ବ ଶ୍ରେଷ୍ଠ ବଳିଦାନକାରୀ ହେଉଛନ୍ତି ହ. ଅବୁ ବକ୍କର ର.ଅ । କିନ୍ତୁ ହ. ଅବୁ ବକ୍କର ର.ଅଙ୍କର ମଧ୍ୟ କୌଣସି ଧ୍ୱଜା ଛିଡ଼ା କରାଯାଉ ନଥିଲା । ହ. ଅବୁ ବକ୍କର ର.ଅଙ୍କ ପରେ ମୁସଲମାନ ହୋଇଥିବା ଧନାଢ୍ୟ ବ୍ୟକ୍ତି ହ. ଉମର୍ ର.ଅ ହିଁ ଥିଲେ । କିନ୍ତୁ ହ. ଉମର୍ ର.ଅଙ୍କର ମଧ୍ୟ କୌଣସି ଧ୍ୱଜା ଛିଡ଼ା କରାଯାଇ ନଥିଲା । ହ. ଉମର୍ ର.ଅଙ୍କ ପରେ ହ. ଉସ୍‌ମାନ୍ ର.ଅ ଅତି ଲୋକପ୍ରିୟ ଖଲିଫା ଥିଲେ ଏବଂ ହ. ଉସ୍‌ମାନ୍ ର.ଅ ଆଁହଜରତ ସ.ଅଙ୍କ ଜ୍ୱାଇଁ ଥିଲେ । କିନ୍ତୁ ହ. ଉସ୍‌ମାନ୍ ର.ଅଙ୍କର ମଧ୍ୟ କୌଣସି ଧ୍ୱଜା ଛିଡ଼ା କରାଯାଇ ନଥିଲା। ଅର୍ଥାତ୍ ଉତ୍ତୋଳନ କରାଯାଇ ନଥିଲା । ହ. ଉସ୍‌ମାନ୍ ର.ଅଙ୍କ ପରେ ହ. ଅଲୀ ର.ଅ ମଧ୍ୟ ଅଟନ୍ତି । ହ. ଅଲୀ ର.ଅ ଆଁହଜରତ ସ.ଅଙ୍କ ଚଚାଙ୍କ ପୁତ୍ର ଭାଇ ଥିଲେ ଓ ଆଁହଜରତ ସ.ଅଙ୍କ ଜ୍ୱାଇଁ ମଧ୍ୟ ଥିଲେ । କିନ୍ତୁ ହ. ଅଲୀ ର.ଅଙ୍କର ମଧ୍ୟ କୌଣସି ଧ୍ୱଜା ଉତ୍ତୋଳନ ହୋଇ ନଥିଲା । ପୁନଶ୍ଚ ହ. ଅବ୍‌ଦୁର୍ ରହମାନ ବିନ୍ ଔଫ୍ ସେହି ବ୍ୟକ୍ତି ଥିଲେ ଯାହାଙ୍କ ସଂକ୍ରାନ୍ତରେ ଆଁହଜରତ ସ.ଅ କହିଥିଲେ ଯେ, ହ. ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଔଫ୍ ହେଉଛନ୍ତି ସେହି ବ୍ୟକ୍ତି ଯେ, ଆପଣ ର.ଅ ଯେପର୍ଯ୍ୟନ୍ତ ଜୀବିତ ରହିବେ ସେପର୍ଯ୍ୟନ୍ତ ଇସ୍‌ଲାମ୍ ଧର୍ମରେ କୌଣସି ମତଭେଦ ସୃଷ୍ଟି ହେବ ନାହିଁ । କିନ୍ତୁ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଔଫ୍ ର.ଅଙ୍କ କୌଣସି ଧ୍ୱଜା ଉତ୍ତୋଳନ କିମ୍ବା କୌଣସି ଧ୍ୱଜା ତିଆରି କରାଗଲା ନାହିଁ । ସେହିପରି ହ. ଅବ୍‌ବାସ୍ ର.ଅ ଆଁହଜରତ ସ.ଅଙ୍କ ଚଚା ଥିଲେ ଏବଂ ସେ ବେଳେବେଳେ ଆଁହଜରତ ସ.ଅଙ୍କ ପ୍ରତି ଘୃଷ୍ଟତା ପ୍ରଦର୍ଶନ ମଧ୍ୟ କରି ଦେଉଥିଲେ । ତେଣୁ ଆପଣ ସ.ଅ ତାଙ୍କ ପ୍ରତି ଅସନ୍ତୋଷ ଓ ରୁଷ୍ଟ ହେଉ ନଥିଲେ । କିନ୍ତୁ ରସୁଲ୍ କରୀମ୍ ସ.ଅ ତାଙ୍କର ଧ୍ୱଜା ମଧ୍ୟ ତିଆରି କଲେ ନାହିଁ । ପୁନଶ୍ଚ ସମସ୍ତ ଅଧିପତି ଏବଂ ତୁଙ୍ଗ ସାହାବାମାନେ ମଧ୍ୟ ଉପସ୍ଥିତ ଥିଲେ । ଖାଲିଦ୍ ବିନ୍ ୱଲିଦ୍ ର.ଅ ଯେକି ଜଣେ ଅଧିପତିଙ୍କ ସୁପୁତ୍ର ଥିଲେ ଏବଂ ଜଣେ ଜଣାଶୁଣା ବ୍ୟକ୍ତି ଥିଲେ । ସେହିପରି ଅମ୍ର ବିନ୍ ଆସ୍ ର.ଅ ଜଣେ ଅଧିପତିଙ୍କ ସୁପୁତ୍ର ଥିଲା । ସେହିପରି ଆହୁରି ବରିଷ୍ଠ ଅଧିପତିମାନଙ୍କର ସନ୍ତାନମାନେ ଥିଲେ । କିନ୍ତୁ ସେମାନଙ୍କ ମଧ୍ୟରୁ ଜଣଙ୍କର ଧ୍ୱଜା ଆଁହଜରତ ସ.ଅ ତିଆରି କଲେ ନାହିଁ କି ଧ୍ୱଜା ଉତ୍ତୋଳନ ମଧ୍ୟ କଲେ ନାହିଁ । ହେଲେ ଆପଣ ସ.ଅ ଧ୍ୱଜା ତିଆରି କଲେ କେବଳ ହ. ବିଲାଲ୍ ର.ଅଙ୍କର । ଏପରି କାହିଁକି ? ଏହାର କ'ଣ କାରଣ ରହିଥିଲା ? ଅତଏବ୍ ଏହାର ଉତ୍ତର ଏହିକି ଯେ, ଖାନା କାଆବା ଉପରେ ଯେତେବେଳେ ଆକ୍ରମଣ ହେବାକୁ ଲାଗିଲା ସେତେବେଳେ ହ. ଅବୁ ବକ୍କର ର.ଅ ଏସବୁ ଦୃଶ୍ ଦେଖୁଥିଲେ । ଅର୍ଥାତ୍ ଯେଉଁମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ ସେମାନେ ହେଉଛନ୍ତି ହ. ଅବୁ ବକ୍କର ର.ଅଙ୍କ ଭାଇ ବନ୍ଧୁମାନେ ଏବଂ ହ. ହ. ବିଲାଲ୍ ର.ଅ ମଧ୍ୟ ସ୍ୱୟଂ ଏକଥା କହି ଦେଇଥିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! କ'ଣ ଆପଣ ସ.ଅ ନିଜର ଭାଇ ବନ୍ଧୁମାନଙ୍କୁ ମାରିବେ ? କିନ୍ତୁ ହ. ବିଲାଲ ର.ଅ ନିଜର ଭାଇମାନଙ୍କ ପକ୍ଷରୁ ହୋଇଥିବା ଅନ୍ୟାୟ, ଅତ୍ୟାଚାରା ତଥା ନିର୍ଯାତନାକୁ ଭୁଲି ଯାଇଥିଲେ । ଆପଣ ର.ଅ ଏକଥା ଜାଣିଥିଲେ ଯେ, ଏମାନେ ମୋର ଭାଇ ଅଟନ୍ତି । ହ. ଉମର୍ ର.ଅ ମଧ୍ୟ ଏହି କଥା କହୁଥିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଏହି ଅବିଶ୍ୱାସକାରୀମାନଙ୍କୁ ମାରନ୍ତୁ, ଶାସ୍ତି ଦିଅନ୍ତୁ । କିନ୍ତୁ ତଥାପି ଯେତେବେଳେ ଆପଣ ସ.ଅ ସେମାନଙ୍କୁ କ୍ଷମାକରିବା ନିମନ୍ତେ ଯେତେବେଳେ ଆସିଲେ ଅର୍ଥାତ୍ ରାଜି ହେଲେ ସେତେବେଳେ ସେମାନେ ଏହା ହିଁ କହୁଥିଲେ ଯେ, ଭଲ ହେଲା ଆମ ଭାଇମାନଙ୍କର ପ୍ରାଣ ବଞ୍ଚିଗଲା । ହ. ଉସ୍‌ମାନ୍ ର.ଅ ଏବଂ ହ. ଅଲୀ ର.ଅ ମଧ୍ୟ କହୁଥିବେ ଯେ, ଆମମାନଙ୍କ ଭାଇମାନଙ୍କୁ କ୍ଷମା କରିଦିଆଗଲା । ଆମର ଭାଇମାନେ ଆମ ସହିତ କ୍ରୁରତା ଓ କଠୋରତା ଯଦି କରିନେଲେ, ତେବେ କ'ଣ ହୋଇଗଲା ସେଉଠୁ ? ସ୍ୱୟଂ ରସୁଲ୍ କରୀମ୍ ସ.ଅ ମଧ୍ୟ ସେମାନଙ୍କୁ କ୍ଷମା କରିବା ସମୟରେ ଏହା ହିଁ ବୁଝିଥିବେ ଯେ, ଏହି ଅତ୍ୟାଚାରୀମାନଙ୍କ ମଧ୍ୟରେ ମୋର ଚଚାମାନେ ମଧ୍ୟ ରହିଛନ୍ତି, ଭାଇମାନେ ମଧ୍ୟ ଥିଲେ, ସେମାନଙ୍କ ମଧ୍ୟରେ ମୋର ଜ୍ୱାଇଁ, ପ୍ରିୟଜନ ଏବଂ ଆତ୍ମୀୟ ସ୍ୱଜନମାନେ ମଧ୍ୟ ରହିଛନ୍ତି । ଯିଦ ମୁଁ ଏମାନଙ୍କୁ କ୍ଷମା କରିଦିଏ ତେବେ ଭଲ ହେ , କାରଣ ମୋର ସଂପର୍କୀୟମାନେ ବଞ୍ଚିଯିବେ। କେବଳ ଜଣେ ବ୍ୟକ୍ତି ଥିଲା ଯାହାର ମକ୍କାରେ କେହି ବି ସଂପର୍କୀୟ ନଥିଲା କି କେହି ତା'ର ଆତ୍ମୀୟ ସ୍ୱଜନ ନଥିଲେ, ଯେଉଁ ବ୍ୟକ୍ତିର ମକ୍କାରେ କୌଣସି ଶକ୍ତି ନଥିଲା, ଯେଉଁ ବ୍ୟକ୍ତିର ମକ୍କାରେ କୌଣସି ସାଙ୍ଗ ସାଥି ନଥିଲା । ସେହି ବ୍ୟକ୍ତିର ନିଃସହାୟ ଅବସ୍ଥାରେ ତା' ଉପରେ କେତେ ଅତ୍ୟାଚାର କରାଯାଉଥିଲା । ସେହି ଅତ୍ୟାଚାର ନା ହ. ଅବୁ ବକ୍କର ର.ଅଙ୍କ ଉପରେ ହୋଇଥିଲା, ନା ହ. ଅଲୀ ର.ଅଙ୍କ ଉପରେ ହୋଇଥିଲା, ନା ହ. ଉସ୍‌ମାନ୍ ର.ଅଙ୍କ ଉପରେ ହୋଇଥିଲା ଓ ନା ହ. ଉମର ର.ଅଙ୍କ ଉପରେ ହୋଇଥିଲା । ବରଂ ରସୁଲ୍ କରୀମ୍ ସ.ଅଙ୍କ ଉପରେ ମଧ୍ୟ ଏପରି ଅକଥନୀୟ ଅତ୍ୟାଚାର ହୋଇ ନଥିଲା । ଅବିଶ୍ୱାସକାରୀମାନେ ହ. ବିଲାଲ ର.ଅଙ୍କୁ ଉତ୍ତପ୍ତ ବାଲି ଉପରେ ଫୁଙ୍ଗୁଳା ଶରୀରରେ ଓଲଟା ଶୁଆଇ ଦେଉଥିଲେ ।

ହୁଜୁର ଅନୱର୍ ଅ.ବ କହିଲେ, ଆପଣମାନେ ମେ ଓ ଜୁନ୍ ମାସ ଅର୍ଥାତ୍ ଜ୍ୟୋଷ୍ଠ ମାସର ଟାଣ ଖରାରେ ଖାଲି ପାଦରେ ଚାଲି ପାରିବେ ନାହିଁ । ଏଠାରେ (ଲଣ୍ଡନରେ) ତ' କମ୍ ଗ୍ରୀଷ୍ମ ଅନୁଭୂତ ହୁଏ । କିନ୍ତୁ ଗ୍ରୀଷ୍ମାଞ୍ଚଳରେ ଖାଲି ପାଦ ବି ଚାଲି ପାରିବ ନାହିଁ । ମେ ଓ ଜୁନ୍ ମାସରେ ସେହି ଦେଶମାନଙ୍କରେ ଆପଣମାନେ ଖାଲି ପାଦିରେ ଚାଲି ପାରିବେ ନାହିଁ । ସେହି ବ୍ୟକ୍ତି ଅର୍ଥାତ ହ. ବିଲାଲ୍ ର.ଅଙ୍କୁ ଅବିଶ୍ୱାସକାରୀମାନେ ଉତ୍ତପ୍ତ ବାଲି ଓ ଟାଣ ଖରାରେ ଫୁଙ୍ଗୁଳା ଶରୀରରେ ବାଲି ଉପରେ ଶୁଆଇ ଦିଆଯାଉଥିଲା, ପୁନଶ୍ଚ ଜୋତାରେ ଲାଗିଥିବା କଣ୍ଟା ବା କଣ୍ଟାଳିଆ ଜୋତା ପିନ୍ଧି ଯୁବକମାନେ ହ. ବିଲାଲ୍ ର.ଅଙ୍କ ଶରୀର ଉପରେ ଚଢି ନାଚୁଥିଲେ ଏବଂ କହୁଥିଲେ ଯେ, ହେ ବିଲାଲ୍ କୁହ ! ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ ଉପାସ୍ୟମାନେ ମଧ୍ୟ ଅଛନ୍ତି । କୁହ ! ମୁହମ୍ମଦ୍ ସ.ଅ ମିଥ୍ୟାବାଦୀ ଅଟନ୍ତି ଓ ବିଲାଲ୍ ର.ଅଙ୍କ ଉପରେ ଏହି ଅବିଶ୍ୱାସକାରୀମାନେ ଅକଥନୀୟ ଅତ୍ୟାଚାର କରୁଥିଲେ ସେତେବେଳେ ପ୍ରତ୍ୟୁତ୍ତରରେ ଏହି ନିଗ୍ରୋ ଦାସ କହୁଥିଲେ ଯେ, اشهد ان لا اله الا الله اشهد ان لا اله الا الله । ସେହି ବ୍ୟକ୍ତି ଅର୍ଥାତ୍ ହ.ବିଲାଲ୍ ର.ଅ ପ୍ରତ୍ୟୁତ୍ତରରେ ଏହା କହୁଥିଲେ ଯେ, ହେ ଅବିଶ୍ୱାସକାରୀମାନେ ! ତୁମେମାନେ ମୋ ଉପରେ ଯେତେ ଅତ୍ୟାଚାର କର ପଛେ ମୁଁ କିନ୍ତୁ ସତ୍ୟକୁ ଦେଖି ନେଇଛି ଯେ, ଅଲ୍ଲାଃତାଲା ଏକ ଏବଂ ଅଦ୍ୱିତୀୟ ଅଟନ୍ତି । ଅଲ୍ଲାଃତାଲା ଦୁଇ କିପରି ହୋଇପାରିବେ ? ମୁଁ କିପରି ଏକଥା କହିଦେବି ଯେ, ଅଲ୍ଲାଃତାଲା ଦୁଇ ଅଟନ୍ତି ? ମୁଁ ଯେତେବେଳେ ଏକଥା ଜାଣେ ଯେ, ହ. ମୁହମ୍ମଦ ସ.ଅ ଅଲ୍ଲାଃତାଲାଙ୍କର ସତ୍ୟବାଦୀ ବାର୍ତ୍ତାବହ ଅଟନ୍ତି ତେବେ ମୁଁ ଆପଣ ସ.ଅଙ୍କୁ କିପରି ମିଥ୍ୟାବାଦୀ ବାର୍ତ୍ତାବହ ବୋଲି କହିପାରିବି ? ପ୍ରତ୍ୟୁତ୍ତରରେ ସେହି ଅବିଶ୍ୱାସକାରୀମାନେ ହ. ବିଲାଲ୍ ର.ଅଙ୍କୁ ମାରିବାକୁ ଲାଗି ଯାଉଥିଲା । ମାସ ମାସ ଧରି ତାଙ୍କ ସହିତ ଏହିପରି ଆଚରଣ ପ୍ରଦର୍ଶନ କରୁଥିଲେ । ଅର୍ଥାତ୍ ଉତ୍ତପ୍ତ ବାଲିରେ ତାଙ୍କୁ ଫୁଙ୍ଗୁଳା ଶରୀରରେ ଶୁଆଇ ଦେଉଥିଲେ ଏବଂ ତାଙ୍କ ଉପରେ କଣ୍ଟା ଥିବା ଜୋତା ପିନ୍ଧି ଚଢି ଯାଉଥିଲେ । ସେହିପରି ଶୀତ ଋତୁରେ ଏହି ଅବିଶ୍ୱାସକାରୀମାନେ ହ. ବିଲାଲ ର.ଅଙ୍କ ସହିତ ଏହିପରି ବ୍ୟବହାର ପ୍ରଦର୍ଶନ କରୁଥିଲେ ଓ ତାଙ୍କୁ ନାନା ପ୍ରକାରର ଅକଥନୀୟ ନିର୍ଯାତନା ମଧ୍ୟ ଦିଆଯାଉଥିଲା । ଅବିଶ୍ୱାସକାରୀମାନେ ତାଙ୍କ ଗୋଡ଼ରେ ଦଉଡ଼ି ବାନ୍ଧି ତାଙ୍କୁ ମକ୍କାର ପଥୁରିଆ ଗଳିରେ ଘୋଷାରି ବୁଲୁଥିଲେ । ଏହା ଦ୍ୱାରା ହ. ବିଲା ର.ଅଙ୍କ ଶରୀରର ଚର୍ମ କ୍ଷତାକ୍ତ ହୋଇଯାଉଥିଲା । ଏହି ଘୋଷାରିବା ସମୟରେ ହ. ବିଲାଲ୍ ର.ଅଙ୍କୁ ସେହି ଅବିଶ୍ୱାସକାରୀମାନେ କହୁଥିଲେ ଯେ, ହେ ବିଲାଲ୍ ! ତୁ କହ କି ମୁହମ୍ମଦ ସ.ଅ ମିଥ୍ୟାବାଦୀ ଅଟେ ଏବଂ ତୁ କହ କି ଈଶ୍ୱରଙ୍କ ବ୍ୟତୀତ ଆହୁରି ଅନ୍ୟ ଉପାସ୍ୟ ଦେବତାମାନେ ରହିଛନ୍ତି । ତେବେ ପ୍ରତ୍ୟୁତ୍ତରରେ ହ. ବିଲାଲ୍ ର.ଅ କହୁଥିଲେ ଯେ, اشهد ان لا اله الا الله اشهد ان لا اله الا الله ।

ହୁଜୁର ଅନୱର୍ ଅ.ବ କହିଲେ, ବର୍ତ୍ତମାନ ଯେତେବେଳେ ଇସ୍‌ଲାମୀୟ ସୈନ୍ୟବାହିନୀ ଦଶ ହଜାର ସଂଖ୍ୟାରେ ମକ୍କାରେ ପ୍ରବେଶ କରିବାକୁ ଲାଗିଲେ ସେତେବେଳେ ହ. ବିଲାଲ୍ ର.ଅଙ୍କ ମନରେ ଏହି ଧାରଣା ଜାତ ହୋଇଥିବ ଯେ, ଆଜି ସେହି ଅତ୍ୟାଚାରର ପ୍ରତିଶୋଧ ନିଆଯିବ । ଆଜି ସେହି ନିର୍ଯାତନାର ମୋତେ କ୍ଷତିପୂରଣ ମିଳିବ । ଆପଣ ସ.ଅ କହିଲେ, ଯେଉଁ ବ୍ୟକ୍ତି ଅବୁ ସୁଫିୟାନ୍‌ର ଘରକୁ ଚାଲିଯିବ ଅର୍ଥାତ୍ ଅବୁ ସୁଫିୟାନ୍ ଘରେ ଯାଇ ଆଶ୍ରୟ ନେବ ତେବେ ସେହି ବ୍ୟକ୍ତିକୁ ମଧ୍ୟ ଶାନ୍ତି (ସୁରକ୍ଷା) ପ୍ରଦାନ କରାଯିବ । ଯେଉଁ ବ୍ୟକ୍ତି କାଆବାର ମସ୍‌ଜିଦ୍‌ରେ ପ୍ରବେଶ କରିଯିବ (ଅର୍ଥାତ୍ ଆଶ୍ରୟ ନେବ) ତେବେ ସେହି ବ୍ୟକ୍ତିକୁ ମଧ୍ୟ ଶାନ୍ତି (ସୁରକ୍ଷା) ପ୍ରଦାନ କରାଯିବ । ଯେଉଁ ବ୍ୟକ୍ତି ନିଜର ଅସ୍ତ୍ର ଶସ୍ତ୍ର ଫିଙ୍ଗିଦେବ ତେବେ ତାହାକୁ ମଧ୍ୟ ଶାନ୍ତି ପ୍ରଦାନ କରାଯିବ । ଯେଉଁ ବ୍ୟକ୍ତି ନିଜର ଦ୍ୱାର ବନ୍ଦ କରି ଘରେ ବସିଯିବ ତେବେ ସେହି ବ୍ୟକ୍ତିକୁ ମଧ୍ୟ ଶାନ୍ତି (ସୁରକ୍ଷା) ପ୍ରଦାନ କରାଯିବ ଓ ତା'ର ଦୋଷ ଦୁର୍ବଳତାକୁ କ୍ଷମା କରିଦିଆଯିବ । ଅତଏବ୍ ସେତେବେଳେ ହ. ବିଲାଲ୍ ର.ଅଙ୍କ ମନରେ ଏହି ଧାରଣା ଆସିଥିବ ଏହି ମୁସଲମାନମାନେ ତ' ନିଜର ଭାଇମାନଙ୍କୁ କ୍ଷମା କରୁଛନ୍ତି । ଏମାନେ ଏପରି କରି ଭଲ କରୁଛନ୍ତି । କିନ୍ତୁ ମୋର ପ୍ରତିଶୋଧ ସେହିପରି ରହିଗଲା ।

ରସୁଲ୍ କରୀମ୍ ଦେଖିଲେ ଯେ, ଆଜି କେବଳ ଜଣେ ବ୍ୟକ୍ତି ରହୁଛି ଯାହାକୁ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ମୋର କ୍ଷମା ପ୍ରଦାନ କରିବା ଦ୍ୱାରା ବହୁତ କଷ୍ଟ ପହଞ୍ଚିବ । ତେଣୁ ସେହି ବ୍ୟକ୍ତି ହେଉଛନ୍ତି ହ. ବିଲାଲ୍ ର.ଅ । ଆଁହଜରତ ସ.ଅ କହିଲେ, ମୁଁ ଯେଉଁମାନଙ୍କୁ କ୍ଷମା କରୁଛି ସେମାନେ ବିଲାଲ୍ ର.ଅଙ୍କର ଭାଇ ନୁହନ୍ତି । ଯେଉଁ ନିର୍ଯାତନା ହ. ବିଲାଲ୍ ର.ଅଙ୍କୁ ଦିଆଯାଇଛି ତାହା ଅନ୍ୟମାନଙ୍କୁ ଦିଆଯାଇ ନାହିଁ । ଅର୍ଥାତ୍ ହ. ବିଲାଲ୍ ର.ଅଙ୍କୁ ଯେପରି ନିର୍ଯାତନା ଦିଆଯାଇଛି ସେପରି ନିର୍ଯାତନା ଅନ୍ୟମାନଙ୍କୁ ଦିଆଯାଇ ନାହିଁ । ଆପଣ ସ.ଅ କହିଲେ, ମୁଁ ଏହି ନିର୍ଯାତନାର ପ୍ରତିଶୋଧ ନେବି । ପ୍ରତିଶୋଧ ଏପରି ନେବି ଯେପରିକି ମୋର ଅବତାରତ୍ୱ ବଳବତ୍ତର ରହିବ ଓ ବିଲାଲ୍ ର.ଅଙ୍କର ମନ ମଧ୍ୟ ପ୍ରସନ୍ନିତ ହୋଇଯିବ ।

ଆପଣ ସ.ଅ କହିଲେ, "ହେ ସାହାବାମାନେ ବିଲାଲ୍ ର.ଅଙ୍କ ଧ୍ୱଜାକୁ ସଳଖ କରି ଛିଡ଼ାକର ଏବଂ ମକ୍କାର ସେହି ଅଧିପତିମାନଙ୍କୁ କହିଦିଅ ଯେଉଁମାନେ ନିଜର ଜୋତା ନେଇ ବିଲାଲ ର.ଅଙ୍କ ଛାତି ଉପରେ ଚଢି ନାଚୁଥିଲେ, ଯେଉଁମାନେ ବିଲାଲ୍ ର.ଅଙ୍କ ଗୋଡ଼ରେ ଦଉଡ଼ି ବାନ୍ଧି ତାଙ୍କୁ ଘୋଷାରି ଘୋଷାରି ନେଉଥିଲେ, ଯେଉଁମାନେ ବିଲାଲଙ୍କୁ ଉତ୍ତପ୍ତ ବାଲି ଉପରେ ଓଲଟା ଶୁଆଇ ଦେଉଥିଲେ । ସେହି ଲୋକମାନେ ନିଜର ପତ୍ନି ଓ ନିଜର ସନ୍ତାନମାନଙ୍କର ମଙ୍ଗଳ (ଜୀବନ)କାମନା ଚାହୁଁଛନ୍ତି ତେବେ ସେମାନେ ବିଲାଲ୍ ର.ଅଙ୍କ ଧ୍ୱଜା ତଳେ ଚାଲି ଆସନ୍ତୁ ।

ହୁଜୁର[ର.ଅ] (ହ. ମୁସ୍ଲେହ୍ ମଉଦ୍[ର.ଅ]) କହିଲେ, ମୁଁ ଏହି ବୁଝୁଛି ଯେ, ଯେବେ ଠାରୁ ସଂସାରର ଉତ୍ପତ୍ତି (ସୃଷ୍ଟି) ହୋଇଛି, ଯେବେ ଠାରୁ ମନୁଷ୍ୟକୁ ଶକ୍ତି ପ୍ରାପ୍ତ ହୋଇଛି, ଯେବେ ଠାରୁ ଜଣେ ମନୁଷ୍ୟ ଅନ୍ୟ ମନୁଷ୍ୟ ଠାରୁ ନିଜ ରକ୍ତର ବଦଲା (ପ୍ରତିଶୋଧ) ନେବା ନିମନ୍ତେ ପ୍ରସ୍ତୁତ ହୋଇଛି ଓ ତା'କୁ ସାମର୍ଥ୍ୟତା ପ୍ରାପ୍ତ ହୋଇଛି ସେବେ ଠାରୁ ଏପରି ମହାନ୍ ପ୍ରତିଶୋଧ ଅନ୍ୟ କୌଣସି ବ୍ୟକ୍ତି ନେଇ ନାହିଁ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଯେତେବେଳେ ହ. ବିଲାଲ୍ ର.ଅଙ୍କ ଧ୍ୱଜା ଖାନା କାଆବାର ସମ୍ମୁଖବର୍ତ୍ତୀ ଭୂମିରେ ରୋପଣ କରାଗଲା, ଯେତେବେଳେ ଆରବର ସେହି ଅଧିପତିମାନେ ଯେଉଁମାନେ ହ. ବିଲାଲ୍ ର.ଅଙ୍କୁ ନିଜ ଗୋଡ଼ ଦ୍ୱାରା ରଗଡ଼ି ଓ ଚକଟି ଦେଉଥିଲେ ଏବଂ ସେହି ଅଧିପତିମାନେ କହୁଥିଲେ ଯେ, ହେ ବିଲାଲ୍ ! ତୁ ଏକଥା କହୁଛୁ ନା ନାହିଁ ଯେ, ମୁହମ୍ମଦ୍ ସ.ଅ ମିଥ୍ୟାବାଦୀ ଅବତାର ଅଟନ୍ତି । ଅତଏବ୍ ଯେତେବେଳେ ସେହି ଅତ୍ୟାଚାରୀ ଅବିଶ୍ୱାସକାରୀମାନେ ଦଉଡ଼ି ଦଉଡ଼ି ନିଜର ସ୍ତ୍ରୀ ତଥା ନିଜର ସନ୍ତାନମାନଙ୍କର ହାତ ଧରି ସେମାନଙ୍କୁ ଟାଣି ଆଣି ହ. ବିଲାଲ୍ ର.ଅଙ୍କ ଧ୍ୱଜା ତଳେ ଛିଡ଼ା କରୁଥିଲେ ଯେ, ସେମାନଙ୍କର ପ୍ରାଣ ବର୍ତ୍ତିଯାଉ ସେତେବେଳେ ହ. ବିଲାଲ୍ ର.ଅଙ୍କ ହୃଦୟ ଓ ତାଙ୍କର ପ୍ରାଣ କିପରି ମୁହମ୍ମଦ୍ ସ.ଅଙ୍କ ଉପରେ ଉତ୍ସର୍ଗ ହୋଇ ଯାଉଥିବ । ହ. ବିଲାଲ୍ ର.ଅ କହୁଥିବେ ଯେ, ମୋତେ ତ' ଜ୍ଞାତ ନାହିଁ ଯେ, ମୁଁ ସେହି ଅବିଶ୍ୱାସକାରୀମାନଙ୍କ ଠାରୁ ପ୍ରତିଶୋଧ ନେଇ ଥାଆନ୍ତି କିମ୍ବା ନେଇପାରି ଥାଆନ୍ତି । ହ. ବିଲାଲ୍ ର.ଅ କହିଲେ, କିନ୍ତୁ ବର୍ତ୍ତମାନ ସେହି ପ୍ରତିଶୋଧ ନେଇ ନିଆଯାଇଛି । ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି ଯିଏ ମୋ ଛାତି ଉପରେ ପାଦ ରଖୁଥିଲା ସେହି ବ୍ୟକ୍ତିର ମସ୍ତକ ମୋ ସମ୍ମୁଖରେ ଆନତ (ନୁଆଁଇ) ଦିଆଯାଇଛି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଏହି ପ୍ରତିଶୋଧ ସେହି ପ୍ରତିଶୋଧ ଥିଲା ଯାହା ହ. ୟୁସୁଫ୍ ଅ.ସଙ୍କ ପ୍ରତିଶୋଧ ଅପେକ୍ଷା (ଠାରୁ) ସର୍ବୋତ୍କୃଷ୍ଟ ଭବ୍ୟ (ଉତ୍ତମ) ପ୍ରତିଶୋଧ ଥିଲା । ତାହା ଏଇଥି ପାଇଁ ଯେ, ହ. ୟୁସୁଫ୍ ଅ.ସ ନିଜ ପିତାଙ୍କ ସକାଶେ ନିଜର ଭାଇମାନଙ୍କୁ କ୍ଷମା ପ୍ରଦାନ କରି ଦେଇଥିଲେ । ଯେଉଁ କ୍ଷମାଦାନ ହ. ୟୁସୁଫ୍ ଅ.ସ ନିଜର ଭାଇମାନଙ୍କ ପ୍ରତି ପ୍ରଦର୍ଶନ କରିଥଲେ ତାହା ନିଜର ପିତାଙ୍କ ସକାଶେ ହିଁ କରିଥିଲେ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ଯେଉଁମାନଙ୍କୁ ହ. ୟୁସୁଫ୍ ଅ.ସ କ୍ଷମା କରିଥିଲେ ସେମାନେ ଥିଲେ ହ. ୟୁସୁଫ୍ ଅ.ସଙ୍କ ନିଜ ଭାଇ ଓ ଯାହାଙ୍କ ସକାଶେ ସେ ନିଜର ଭାଇମାନଙ୍କୁ କ୍ଷମା ପ୍ରଦାନ କିରଥିଲେ ସେ ହେଉଛନ୍ତି ହ. ୟୁସୁଫ୍ ଅ.ସଙ୍କ ପିତା ହ.ୟାକୁବ୍ ଅ.ସ । କିନ୍ତୁ ମୁହମ୍ମଦ୍ ସ.ଅ ହେଉଛନ୍ତି ସେହି ମହାବତାର ଯିଏ ନିଜର ଚଚା (ଦାଦା) ଓ ନିଜର ଭାଇମାନଙ୍କୁ ଜଣେ ଦାସର ଜୋତା ମାଧ୍ୟମରେ କ୍ଷମା ପ୍ରଦାନ କରି ଦେଇଥିଲେ । ତେଣୁ ହ. ୟୁସୁଫ୍ ଅ.ସଙ୍କ ପ୍ରତିଶୋଧ ଆଁହଜରତ ସ.ଅଙ୍କ ପ୍ରତିଶୋଧ ସମ୍ମୁଖରେ କୌଣସି ମହତ୍ତ୍ୱର ଅଧିକାରୀ ଓ ମର୍ଯ୍ୟାଦାଜନକ ନୁହେଁ ।"

**(ସେରେ ରୁହାନୀ, ଅନ୍ୱାରୁଲ୍ ଉଲୁମ୍, ଭାଗ-24, ପୃ-270-273)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଜଣେ ଦୁର୍ବଳ ବ୍ୟକ୍ତି ଯାହାର ବାଲ୍ୟକାଳ ଏବଂ ଯୁବାବସ୍ଥା କୁରୈଶ୍‌ମାନଙ୍କର ଅଧିପତିଙ୍କ ଦାସତ୍ୱରେ ଅତିବାହିତ ହେଲା ସେହି ବ୍ୟକ୍ତି (ଅର୍ଥାତ୍ ହ. ବିଲାଲ୍)ଙ୍କର ଏପରି ସମ୍ମାନ ଓ ସତ୍କାର କଲେ ଯେ, ଯାହାର ଉଦାହରଣ ସମଗ୍ର ଇତିହାସରେ ଦେଖିବାକୁ ମିଳେ ନାହିଁ । ଉକ୍ତ ଘଟଣାଟି ଚିର ସ୍ମରଣୀୟ ହୋଇ ରହିବ ଓ କାଳ କାଳ ପାଇଁ ସ୍ମରଣୀୟ ହୋଇ ରହିବ । ଅତଏବ୍ ଏ ହେଉଛି ଆମର ପ୍ରିୟ ମୁନିବ ସ.ଅଙ୍କ ପ୍ରତିଶୋଧ ନେବାର ଆଦର୍ଶ ଓ ତରିକା । اَللّٰهُمَّ صَلِّ عَلٰى مُحَمَّدٍ وَّعَلٰى اٰلِ مُحَمَّدٍ وَّبَارِكْ وَسَلِّمْ اِنَّكَ حَمِيْدٌ مَّجِيْدٌ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଇବ୍‌ନେ ହିଶ୍ଶାମ୍ ଉଲ୍ଲେଖ କରନ୍ତି ଯେ, ମକ୍କା ବିଜୟରେ ପ୍ରବାସକାରୀମାନଙ୍କର ପ୍ରତୀକ يَا بَنِيْ عَبْدِ الرَّحْمٰن ଥିଲା । ଅର୍ଥାତ୍ ହେ ଅବ୍‌ଦୁର୍ ରହ୍‌ମାନ୍‌ର ପୁତ୍ରମାନେ । ଖଜ୍‌ରଜ୍ ସଂପ୍ରଦାୟର ପ୍ରତୀକ يَا بَنِيْ عَبْدِ الله ଅର୍ଥାତ୍ ହେ ଅବ୍‌ଦୁଲ୍ଲାଃଙ୍କ ପୁତ୍ରମାନେ । ସେହିପରି ହେ ୱସ୍ ସଂପ୍ରଦାୟର ପ୍ରତୀକ يَا بَنِيْ عُبَيْدُ الله ଥିଲା । ଅର୍ଥାତ୍ ହେ ଉବୈଦୁଲ୍ଲାଃର ପୁତ୍ରମାନେ । **(ଅସ ସିରତୁନ୍ ନବ୍‌ୱିୟାହ୍, ଲିଇବ୍‌ନି ହିଶ୍ଶାମ, ପୃ-742, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ରସୁଲ୍ କରୀମ୍ ସ.ଅ ଯେତେବେଳେ ଅଜାଖିର୍ ନାମକ ପର୍ବତର ମାର୍ଗକୁ ଆସିଲେ ସେତେବେଳେ ଆପଣ ସ.ଅ ଏହି ସ୍ଥାନକୁ ମକ୍କାରେ ପ୍ରବେଶ କରିଥିଲେ । ଅଜାଖିର୍ ପର୍ବତର ଅନ୍ୟ ନାମ କଦାଆ ଅଟେ । ରୁସଲ୍ କରୀମ୍ ସ.ଅ ଯେତେବେଳେ ଖଡ଼୍‌ଗର ଆଲୋକକୁ ଦେଖିଲେ ସେତେବେଳେ ଆପଣ ସ.ଅ କହିଲେ, ମୁଁ ତୁମକୁ ଯୁଦ୍ଧ କରିବାରୁ ବାରଣ କରୁ ନଥିଲି ? କୁହାଗଲା ଯେ, ଖାଲିଦ୍ ର.ଅଙ୍କ ସହିତ ଯେତେବେଳେ ମୁକାବିଲା ହେଲା ସେତେବେଳେ ସେ ମଧ୍ୟ ଖଡ଼୍‌ଗ ଚାଳନା କଲେ। ପ୍ରଥମେ ଶତ୍ରୁପକ୍ଷ ଆକ୍ରମଣ କିରଥିଲା । ଆପଣ ସ.ଅ କହିଲେ, ଅଲ୍ଲାଃତାଲାଙ୍କ ନିର୍ଣ୍ଣୟ ହେଉଛି ସର୍ବୋତ୍କୃଷ୍ଟ ନିର୍ଣ୍ଣୟ । **(ଅତ୍‌ତବ୍‌କାତୁଲ୍ କୁବ୍ରା, ଭାଗ-2, ପୃ-103, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହା, ବେରୁତ୍)(ଜୀବନୀ ଶବ୍ଦକୋଷ, ପୃ-100-116, ଜୱାର୍ ଏକାଡ଼େମୀ)**

ଅର୍ଥାତ୍ ଅଲ୍ଲାଃତାଲା ଅବିଶ୍ୱାସକାରୀମାନଙ୍କୁ ଏହା ଦେଖାଇବା ଚାହୁଁଥିଲେ ଯେ, ଆଜି ତୁମେ ଶକ୍ତି ବଳରେ ମୁସଲମାନମାନଙ୍କୁ ମକ୍କାରେ ପ୍ରବେଶ କରିବାରୁ ଅଟକାଇ ପାରିବ ନାହିଁ । ଏହା ଅଲ୍ଲାଃତାଲାଙ୍କର ଏକ ଅଟଳ ନିଷ୍ପତ୍ତି ଅଟେ । ଏହାକୁ କେହି ଟଳାଇ ପାରିବ ନାହିଁ । ହୁଜୁର ଅନ୍ୱର୍ ଅ.ବ କହିଲେ, ଏହା ଥିଲା ମକ୍କାର ପ୍ରବେଶ କରିବା ପ୍ରରାମ୍ଭିକ ଇତିହାସ ଯାହାକୁ ମୁଁ ବର୍ଣ୍ଣନା କରିଛି । **ଇନ୍‌ଶାଅଲ୍ଲାଃ** ଏହାର ଅବଶିଷ୍ଟାଂଶ ଆଗକୁ ମଧ୍ୟ ମୁଁ ବର୍ଣ୍ଣନା କରିବି ।

ହୁଜୁର ଅ୍ନୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ ଏକ ମୃତକାଙ୍କର ଚର୍ଚ୍ଚା କରିବାକୁ ଚାହୁଁଛି । ନମାଜ ଜୁମା ପରେ ମୁଁ ସେହି ମୃତକାଙ୍କର ନମାଜ୍ ଯନାଜାଃ ପାଠ କରାଇବି। ସେହି ମୃତକା ହେଲେ ଲାହୋର୍‌ର ଇନାମୁଲ୍ଲାଃ ସାହେବଙ୍କର ପତ୍ନି ସ୍ୱର୍ଗତା ଶ୍ରୀମତି ଅମୀନା ଶେହ୍‌ନାଜ୍ ସାହେବାଙ୍କର । ବିଗତ ଦିନରରେ ତାଙ୍କର ବିୟୋଗ ହୋଇଯାଇଛି । اِنَّا لِلّٰهِ وَاِنَّا اِلَيْهِ رَاجِعُوْن । ସ୍ୱର୍ଗତାଙ୍କ ବଂଶରେ ଅହମଦିୟତ୍ ତାଙ୍କର ପିତାଶ୍ରୀ ସମ୍ମାନନୀୟ ମୁହମ୍ମଦ୍ ଦିନ୍ ସାହେବଙ୍କ ମାଧ୍ୟମରେ ଆସିଥିଲା । ସ୍ୱର୍ଗତ ମୁହମ୍ମଦ ଦିନ୍ ସାହେବ 1934 ମସିହାରେ 15 ବର୍ଷ ବୟସରେ କାଦିୟାନ୍ ଯାଇ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ହସ୍ତରେ ବୈଅତ୍ କରିଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତା ଓସିୟତ୍‌କାରୀଣୀ ମହିଳାଟିଏ ଥିଲେ । ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ସ୍ୱାମୀଙ୍କ ବ୍ୟତୀତ ଗୋଟିଏ ପୁତ୍ର ସନ୍ତାନ ଏବଂ 4ଟି କନ୍ୟା ସନ୍ତାନ ଅନ୍ତର୍ଭୁକ୍ତ ଅଟନ୍ତି । ତାଙ୍କର ସୁପୁତ୍ର ୱଜିହୁଲ୍ଲାଃ ସାହେବ ସିନିଗାଲ୍‌ର ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି ଓ ସେଠାରେ ଆପଣ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ କରୁଛନ୍ତି । କର୍ମ ଭୂମିରେ କାର୍ଯ୍ୟରତ ଥିବା ଯୋଗୁଁ ନିଜ ମାତାଶ୍ରୀଙ୍କ ଯନାଜାଃ ଏବଂ କବର (ଅନ୍ତିମ ସଂସ୍କାର ଓ ଶେଷକୃତ୍ୟ)ରେ ଆପଣ ସାମିଲ୍ ହୋଇପାରି ନାହାନ୍ତି । ସ୍ୱର୍ଗତାଙ୍କ ସୁପୁତ୍ର ସମ୍ମାନନୀୟ ୱଜିହୁଲ୍ଲାଃ ସାହେବ ସିନିଗାଲ୍‌ର ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି । ଆପଣ ଉଲ୍ଲେଖ କରନ୍ତି ଯେ, ବିନୀତର ମାତାଶ୍ରୀ ଅତ୍ୟନ୍ତ ପୁଣ୍ୟ ସ୍ୱଭାବର ମହିଳା ଥିଲେ । ନିୟମିତ ନମାଜ ପାଠ କରୁଥିଲେ, ରୋଜା ରଖୁଥିଲେ ଓ ନିୟମିତ ରୂପେ ପବିତ୍ର କୁରଆନ୍ କରୀମ୍‌ର ଅନୁବାଦ କରୁଥିଲେ । ମାତାଶ୍ରୀ ନିଜ ସନ୍ତାନମାନଙ୍କର ମଧ୍ୟ ସଂପୂର୍ଣ୍ଣ ଯତ୍ନ ନେଉଥିଲେ । ମାତାଶ୍ରୀ ଖିଲାଫତ୍ ସହିତ ବେଶ୍ ଆନ୍ତରୀକତା ପ୍ରଦର୍ଶନ କରୁଥିଲେ । ଖିଲାଫତ୍‌କୁ ବହୁତ ଭଲ ପାଉଥିଲେ । ଯେକୌଣସି ସମସ୍ୟା କିମ୍ବା ପ୍ରସନ୍ନତା ସଂପର୍କରେ ଜ୍ଞାତ ହେଉଥିଲା ସେତେବେଳେ ମାତାଶ୍ରୀ ମୋତେ କହୁଥିଲେ ଯେ, ପୁତ୍ର ମୋ ପାଇଁ ଟିକେ ଉପସ୍ଥିତ ଖଲିଫାଙ୍କୁ ପତ୍ର ଲେଖ । ଅତିଥିମାନଙ୍କ ପ୍ରତି ଆନ୍ତରୀକତା ପ୍ରଦର୍ଶନକାରୀ ମହିଳା ହିସାବରେ ସେ ଅତିଥମାନଙ୍କର ବେଶ୍ ସେବା ଓ ଅତିଥି ସତ୍କାର କରୁଥିଲେ । ଅଣଅହମଦି ପଡ଼ୋଶୀମାନଙ୍କ ସହିତ ମାତାଶ୍ରୀ ପ୍ରେମ ଓ ଉତ୍ତମ ଆଚରଣ ପ୍ରଦର୍ଶନ କରୁଥିଲେ। ଏସବୁ ସତ୍ତ୍ୱେ ମଧ୍ୟ କେତେକ ପଡ଼ୋଶୀମାନେ ମାତାଶ୍ରୀଙ୍କ ପ୍ରତି ବିରୋଧ ମଧ୍ୟ ପ୍ରଦର୍ଶନ କରୁଥିଲେ । କିନ୍ତୁ ମାତାଶ୍ରୀ ସର୍ବଦା ନିଜର ପଡ଼ୋଶୀଙ୍କର ଅଧିକାର ସମ୍ପାଦନ କରୁଥିଲେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଇନାମୁଲ୍ଲାଃ ସାହେବ କୁହନ୍ତି ଯେ, ସ୍ୱର୍ଗତା ପତ୍ନୀ ମହୋଦୟା ମୋ ସହିତ ସର୍ବୋତ୍କୃଷ୍ଟ ଜୀବନ ଅତିବାହିତ କରିଥିଲେ । ସମଗ୍ର ଜୀବନରେ ତାଙ୍କୁ ଯେତିକି ଜମାଅତ୍‌ର ସେବା କରିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହେଲା ସେତିକି ହିଁ ସେ ସେବା କଲେ ଏବଂ ଜମାଅତ୍‌ର ସେବା କରିବାରେ ସେ ମୋର ଭରପୁର ସହଯୋଗ ମଧ୍ୟ କରିଥିଲେ । ଜମାଅତୀୟ କାର୍ଯ୍ୟ ସକାଶେ ଯଦି ମୋତେ ଦିନ ତମାମ୍ କିମ୍ବା ଅହୋରାତ୍ର (ରାତି ସାରା) ଘରୁ ବାହାରେ ରହିବାକୁ ପଡୁଥିଲା ତେବେ ସେପରିପ୍ରେକ୍ଷୀରେ ସେ କେବେ ବି କୌଣସି ଅଭିଯୋଗ କରି ନାହାନ୍ତି । ସେ ଅତିଥିମାନଙ୍କର ଉତ୍ତମ ରୂପେ ଅତିଥି ସତ୍କାର କରୁଥିଲେ । ମୃତ୍ୟୁର ଗୋଟିଏ ମାସ ପୂର୍ବେ ପ୍ରାୟ 22 ଜଣ ଜମାଅତ୍‌ର ଅତିଥିମାନଙ୍କ ନିମନ୍ତେ ସେ ସ୍ୱୟଂ ଖାଦ୍ୟ ପ୍ରସ୍ତୁତ କରିଥିଲେ । ଅଭାବି ଓ ଗରିବମାନଙ୍କୁ ଯଥାସମ୍ଭବ ସାହାଯ୍ୟ କରୁଥିଲେ । ଚାନ୍ଦା ଇତ୍ୟାଦି ପୈଠ କରିବାରେ ସ୍ୱର୍ଗତା ନିଜର ମୃତକ ବ୍ୟକ୍ତିମାନଙ୍କର ଚାନ୍ଦା ମଧ୍ୟ ପୈଠ କରୁଥିଲେ । ସ୍ୱର୍ଗତା ପତ୍ନି ମହୋଦୟା ଅତ୍ୟନ୍ତ ଉତ୍ତମ ରୂପେ ନିଜ ସନ୍ତାନମାନଙ୍କର ସଂସ୍କାର କରିବା ନିମନ୍ତେ ଉଦ୍ୟମ କରିଥିଲେ । ଦୀର୍ଘ କାଳ ଧରି ନିଜ ହଲ୍‌କାରେ ସେକ୍ରେଟାରୀ ମାଲ୍ ହିସାବରେ ସେବା କରିଥିଲେ ଓ ମୃତ୍ୟୁ ସମୟରେ ମଧ୍ୟ ସେ ଏହି ପଦବୀରେ ନିଯୁକ୍ତ ଥିଲେ ।

ହୁଜୁର ଅନୱର୍ ଅ.ବ କହିଲେ, ସ୍ୱର୍ଗତାଙ୍କର ଜ୍ୟୋଷ୍ଠ ଭ୍ରାତା (ବଡ଼ ଭାଇ) କୁହନ୍ତି ଯେ, ମୋର ଭଉଣୀ ଅତ୍ୟନ୍ତ ପ୍ରେମକାରୀଣୀ ମହିଳାଟିଏ ଥିଲେ । ପ୍ରତ୍ୟେକଙ୍କ

ସହିତ ଦୟା କରୁଣା ଭାବ ପ୍ରଦର୍ଶନ କରୁଥିଲେ । ପାଞ୍ଚବେଳା ନମାଜ୍ ବାଲ୍ୟକାଳରୁ ହିଁ ପାଠ କରୁଥିଲେ । ତହଜ୍ଜୁଦ୍ ପ୍ରିୟ, ଖିଲାଫତ୍ ସହିତ ନିଷ୍ଠାମୂଳକ ପ୍ରେମ ପ୍ରଦର୍ଶନ କରୁଥିଲେ । ନିୟମିତ ରୂପେ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ କରୁଥିଲେ । ଛୋଟ ପିଲାମାନଙ୍କୁ ଏବଂ ବଂଶର ଅନ୍ୟ ପିଲାମାନେ ଯେତେବେଳେ ତାଙ୍କ ଘରକୁ ଆସୁଥିଲେ ସେତେବେଳେ ସେ ସେମାନଙ୍କୁ ମଧ୍ୟ ନିୟମିତ ନମାଜ୍ ପାଠ କରିବା ନିମନ୍ତେ ଓ ତିଲାୱତ୍ କରିବା ନିମନ୍ତେ ଉତ୍ସାହିତ କରୁଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଣଅହମଦିମାନଙ୍କ ସହିତ ମଧ୍ୟ ସ୍ୱର୍ଗତାଙ୍କର ଉତ୍ତମ ସଂପର୍କ ଥିଲା । ଜଣେ ଅଣଅହମଦି ମହିଳା କୁହନ୍ତି ଯେ, ସ୍ୱର୍ଗତା ..... ସାହେବାଙ୍କ ସହିତ ମୋର ଦୀର୍ଘ 20 ବର୍ଷର ସଂପର୍କ ଥିଲା । ସ୍ୱର୍ଗତା ମୋ ସହିତ ଭଉଣୀ ପରି ବ୍ୟବହାର ପ୍ରଦର୍ଶନ କରୁଥିଲେ । ମୋର ସନ୍ତାନମାନଙ୍କ ସହିତ ମା ପରି ବ୍ୟବହାର ପ୍ରଦର୍ଶନ କରୁଥିଲେ । ମୋର ସନ୍ତାନମାନେ ମଧ୍ୟ ସ୍ୱର୍ଗତାଙ୍କୁ ଅମ୍ମି ଅମ୍ମି ବୋଲି ଡାକୁଥିଲେ । ପ୍ରତ୍ୟେକ କାର୍ଯ୍ୟରେ ମୋତେ ସବୁବେଳେ ସର୍ବୋତ୍କୃଷ୍ଟ ପରାମର୍ଶ ପ୍ରଦାନ କରୁଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଣଅହମଦିମାନେ ମଧ୍ୟ ଅହମଦିମାନଙ୍କ ସହିତ ସୁସଂପର୍କ ରଖୁଛନ୍ତି ଏବଂ ପୁନଶ୍ଚ ଅହମଦିମାନଙ୍କର ମୂଲ୍ୟବୋଧକୁ ମଧ୍ୟ ହୃଦୟଙ୍ଗମ କରିଥାଆନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହଲେ, ସଦ୍‌ର୍ ଲଜ୍‌ନା ରଚନା ଟାଉନ୍ ସାହେବା କୁହନ୍ତି ଯେ, ସ୍ୱର୍ଗତାଙ୍କ ବିୟୋଗ ଘଟିବା ଦ୍ୱାରା ଆମ ମଜ୍‌ଲିସରୁ ଜଣେ ନୈଷ୍ଠିକା, ଜମାଅତ୍‌ର ଅତି ବିଶ୍ୱସ୍ତତା ସଦର୍ ଲଜ୍‌ନା ଚାଲି ଯାଇଛନ୍ତି । ଏହା ଏକ ଅପୂରଣୀୟ କ୍ଷତି ଅଟେ । ପ୍ରାୟ 20 ବର୍ଷ କାଳ ସେକ୍ରେଟାରୀ ମାଲ୍ ଭାବରେ ଆପଣ ଦାୟିତ୍ୱ ନିର୍ବାହ କରିଥିଲେ ଓ ଆପଣ ଅତ୍ୟନ୍ତ ନିଷ୍ଠାପର ଭାବରେ ନିଜର କାର୍ଯ୍ୟକୁ ଦାୟିତ୍ୱ ସହକାରେ ସମ୍ପାଦନ କରିଥିଲେ । ଜମାଅତ୍‌ର ତେହ୍‌ରିକାତ୍ (ଅହ୍ୱାନ)ମାନଙ୍କରେ ମଧ୍ୟ ନିଜେ ପ୍ରତିସ୍ୱର୍ଦ୍ଧିତ ଭାବରେ ଅଂଶ ଗ୍ରହଣ କରୁଥିଲେ । ପରିସ୍ଥିତି ଯେମିତି ଥାଉ ନା କାହିଁକି ସେ କେବେ ବି କାହାରିକୁ ଶୂନ୍ୟହସ୍ତରେ ନିଜ ଘରୁ ଫେରିଯିବାକୁ ଦେଉ ନଥିଲେ । ରଚନା ଟାଉନ୍ ସାହେବା କୁହନ୍ତି ଯେ, ପ୍ରତ୍ୟେକ ବର୍ଷ ଗ୍ରୀଷ୍ମ କାଳରେ ଗୁରୁବାର ଦିନ ରୋଜା ରଖୁଥିଲେ । ତାଙ୍କ ଘରେ ଯଦି କୌଣସି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିଲା ତେବେ ସେ ଏହାକୁ ମୁକ୍ତ ହୃଦୟର ସହିତ ସ୍ୱୀକାର କରୁଥିଲେ ଏବଂ ଅତିଥିମାନଙ୍କର ଅତିଥି ସତ୍କାର ମଧ୍ୟ କରୁଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତାଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତାଙ୍କ ଗୋଟିଏ ପୁତ୍ର ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି । ଯେପରିକି ମୁଁ ଚର୍ଚ୍ଚା କରିଛି ଯେ, ସ୍ୱର୍ଗତାଙ୍କର ଏହି ମୁବଲ୍ଲିଗ୍ ସୁପୁତ୍ର କର୍ମଭୂମିରେ ଅବତୀର୍ଣ୍ଣ ହେବା ହେତୁ ନିଜ ମାତାଶ୍ରୀଙ୍କ ଯନାଜାଃରେ ସାମିଲ୍ ହୋଇପାରି ନାହାନ୍ତି । ଅଲ୍ଲାଃତାଲା ତାଙ୍କୁ ଅର୍ଥାତ୍ ମୁବଲ୍ଲିଗ୍ ସାହେବଙ୍କୁ ମଧ୍ୟ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ସମସ୍ତ ସନ୍ତାନ ସନ୍ତତିମାନଙ୍କୁ ନିଜ ମାତାଶ୍ରୀଙ୍କ ଦୁଆ (ଆଶୀର୍ବାଦ)ର ପ୍ରକୃତ ଅଧିକାରୀ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।**

**(ଅଲ୍‌ଫଜଲ୍ ଇଣ୍ଟର ନ୍ୟାସନଲ୍, 18 ଜୁଲାଇ 2025 ମସିହା, ପୃ-2-6)**

☆--☆--☆

## ବର୍ଣ୍ଣିତ ଖୁତ୍‌ବା ଜୁମା 30-5-2025ର ଅବଶିଷ୍ଟାଂଶ....

ଏବଂ ସଂସାରରେ ପରିବ୍ୟାପ୍ତ ହୋଇ ଚାଲିଛି। ପୁନଶ୍ଚ 1984 ମସିହାରେ ଜମାଅତ୍ ଅହମଦିୟା ବିରୁଦ୍ଧରେ ଯେଉଁ ଆଇନ୍ ପାରିତ ହେଲା, ସେହି ଆଇନ୍ ଦ୍ୱାରା ଜମାଅତ୍‌ର ଉନ୍ନତିରେ କୌଣସି ବାଧା ସୃଷ୍ଟି ହେଲା ନାହିଁ । ଉପସ୍ଥିତ ଖଲିଫାଙ୍କୁ ରବ୍‌ୱାରୁ (ପୂର୍ବେ ରବ୍‌ୱା କେନ୍ଦ୍ର ଥିଲା) ବାହାରିବାକୁ ପଡ଼ିଲା । କିନ୍ତୁ ଜମାଅତ୍‌ର ଉନ୍ନତିରେ କୌଣସି ବାଧା ସୃଷ୍ଟି ହେଲା ନାହିଁ । ବରଂ ବାହରକୁ ବାହାରି ଏକ ନୂତନ ରୂପେ ଖିଲାଫତ୍ ଉପରେ ଅଲ୍ଲାଃତାଲାଙ୍କ କୃପାକୁ ଆମେମାନେ ଦେଖିଲୁ ଓ ଖିଲାଫତ୍‌ର ଛତ୍ର ଛାୟା ତଳେ ଅଲ୍ଲାଃତାଲା ଏପରି ନିଜର କୃପା ବୃଷ୍ଟି କଲେ ଯେ, ଏକ ନୂତନ ଯୁଗ ଆରମ୍ଭ ହେଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଆମେମାନେ ଖିଲାଫତେ ରାବିୟା (ଚତୁର୍ଥ ଖଲିଫା)ଙ୍କ କାଳ ଆମେମାନେ ଦେଖିଲୁ ଯେ, କିପରି ଜମାଅତ୍ ଉନ୍ନତି କଲା ଏବଂ ଏହିପରି ଭାବରେ ମଧ୍ୟ ଆମେମାନେ ବର୍ତ୍ତମାନ ଦେଖୁଛେ ଯେ, ଜମାଅତ୍ ଉନ୍ନତିର ମାର୍ଗରେ ଅଗ୍ରସର ହେଉଅଛି । ଏସବୁ ସତ୍ତ୍ୱେ ଶତ୍ରୁ ଅତ୍ୟାଚାର କରିବାକୁ ଯାଇ ନିଜର ସୀମା ଅତି୍ର କରି ସାରିଲାଣି ।

ଆଜିକାଲି ବିଶେଷ ରୂପେ 2010 ମସିହା ପରେ ଯେତେବେଳେ ବିରୋଧୀମାନେ ଅତ୍ୟନ୍ତ ବ୍ୟାପକ ରୂପେ ଆମ ଜମାଅତ୍‌ର ମସ୍‌ଜିଦମାନଙ୍କ ଉପରେ ଆକ୍ରମଣ କରି ଅହମଦିମାନଙ୍କୁ ଶହୀଦ୍ କରିଦେଉଛନ୍ତି ଏବଂ ଏତଦ୍‌ପରେ ପୁନଶ୍ଚ ବେଳେବେଳେ ଶାହାଦତ୍ (ଅହମଦିମାନଙ୍କୁ ଶହୀଦ୍ କରିବା) ମଧ୍ୟ ହେଉଅଛି । କେତେବେଳେ ଅଧିକ ଶାହାଦତ୍ ହେଉଛି ତ' ଆଉ କେତେବେଳେ ଖିଲାଫତେ ଖାମ୍‌ସାଙ୍କ କାଳରେ ତ' ଅସଂଖ୍ୟା ଶାହାଦତ୍ ହୋଇଅଛି । କିନ୍ତୁ ଆମେମାନେ ଦେଖୁ ଯେ, ଏସବୁ ସତ୍ତ୍ୱେ ଅଲ୍ଲାଃତାଲା ଅହମଦିମାନଙ୍କ ବିଶ୍ୱାସ ବିଚଳତି ହେଉ ନାହିଁ । ଅଲ୍ଲାଃତାଲାଙ୍କ କୃପାରୁ ଲୋକମାନଙ୍କ ବିଶ୍ୱାସରେ ଉନ୍ନତି ଘଟୁଛି । ବିଶ୍ୱାସ ବୃଦ୍ଧି ପାଉଛି । ଅହମଦିମାନଙ୍କର ବିଶ୍ୱାସ କେବଳ ଦୃଢୀଭୂତ ହେଉ ନାହିଁ ବରଂ ଦୃଢରୁ ଅତି ଦୃଢତର ହୋଇ ଚାଲିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଠିକ୍ ଅଛି କେତେକ ଲୋକମାନଙ୍କର ବିଶ୍ୱାସ ଅତି ଦୁର୍ବଳ ହୋଇଥାଏ, କେତେକ ଲୋକ ଅର୍ଥାତ୍ ଅହମଦିମାନେ ପଛଘୁଞ୍ଚା ଦେଇଥିବେ । କିନ୍ତୁ ସଂଖ୍ୟାଗରିଷ୍ଠ ଅହମଦିମାନେ ବିଶ୍ୱାସ ଉପରେ ଅବିଚଳ ଅଛନ୍ତି ଓ ଅଲ୍ଲାଃତାଲା ସେମାନଙ୍କୁ ସମ୍ମାନିତ ଓ ପୁରସ୍କୃତ ମଧ୍ୟ କରୁଛନ୍ତି । ସେହି ବିଶ୍ୱାସକାରୀମାନଙ୍କୁ ଅଲ୍ଲାଃତାଲା ନାନା ସ୍ରୋତ ମାଧ୍ୟମରେ ପୁରସ୍କୃତ କରିଛନ୍ତି। ସେମାନଙ୍କୁ ଅର୍ଥାତ୍ ଅହମଦିମାନଙ୍କୁ ବାହାରକୁ ବାହାରିବା ନିମନ୍ତେ ସୁଯୋଗ ମିଳିଯାଇଛି ଏବଂ ଏହିପରି ଭାବରେ ସେମାନଙ୍କୁ ସାଂସାରିକ ଉନ୍ନତି ଦ୍ୱାରା ମଧ୍ୟ ଅଲ୍ଲାଃତାଲା ପୁରସ୍କୃତ କରିଛନ୍ତି।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ବାହର ଦୁନିଆକୁ ଆମେମାନେ ଯେତେବେଳେ ଅବଲୋକନ (ଦେଖୁ) କରୁ ଯେ, ଅନ୍ୟ ଦେଶମାନଙ୍କରେ ଜମାଅତ୍ ଅହମଦିୟାର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଅଲ୍ଲଃତାଲାଙ୍କର ହିଁ ଅଙ୍ଗୀକାର ଖିଲାଫତ୍ ସହିତ ଥିଲା । ପରିଣାମ ଏହା ହେଲା କି ଆଜି ଆମେମାନେ 213, 214 ଦେଶରେ ଜମାଅତ୍ ଅହମଦିୟାର ବ୍ୟବସ୍ଥାକୁ ସ୍ଥାପିତ କରିବାକୁ ସକ୍ଷମ ହୋଇ ପାରିଛେ । ଅଲ୍ଲାଃତାଲାଙ୍କ କୃପାରୁ ନୈଷ୍ଠିକ ଲୋକମାନଙ୍କର ଜମାଅତ୍ ସ୍ଥାପିତ ହେଉଅଛି ଓ ଦୂର ଦୂରାନ୍ତରେ ବାସ କରୁଥିବା ଲୋକମାନେ ମଧ୍ୟ ଏପରି ଆଶ୍ଚର୍ଯ୍ୟ ଚକିତ ହୁଅନ୍ତି ଯେ, ଏହି ଅହମଦିମାନଙ୍କର କିପରି ଜଣେ ଖଲିଫାଙ୍କ ସହିତ ସଂପର୍କ ରହିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ପୂର୍ବେ ମଧ୍ୟ ବର୍ଣ୍ଣନା କରି ସାରିଛି, ଅନେକ ଥର ଘଟଣାବଳୀ ବର୍ଣ୍ଣନା କରିଥାଏ ଯେ, କିପରି ଆଫ୍ରିକାର ଦୂରବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ଲୋକମାନେ, ଗ୍ରାମରେ ବାସ କରୁଥିବା ଲୋକମାନେ ଖିଲାଫତ୍ ସହିତ ସଂପର୍କ ରଖିଛନ୍ତି । ଏହି ଅହିମଦିମାନଙ୍କର କ୍ଷତି ଘଟିବା ସତ୍ତ୍ୱେ ମଧ୍ୟ ଏମାନେ ବିଶ୍ୱାସ ଉପରେ ଅବିଚଳ ଅଛନ୍ତି । ବର୍ତ୍ତମାନ ବୁର୍କିନାଫାସୋର ଡୋରି ନାମକ ସ୍ଥାନରେ ଯେଉଁଠି ଆଠ ଜଣ ଅହମଦିମାନଙ୍କୁ ଶହୀଦ୍ କରିଦିଆଯାଇଛି ଏବଂ ସେହି ଅହିଦମାନେ ନିଜର ବିଶ୍ୱାସ ଉପରେ ଅବିଚଳ ରହି ନିଜର ଅମୂଲ୍ୟ ଜୀବନର ଶ୍ରଦ୍ଧାଞ୍ଜଳୀ ଉପସ୍ଥାପିତ କରିଦେଇଛନ୍ତି । ସେମାନଙ୍କର ବଂଶଧର ଓ ସନ୍ତାନ ସନ୍ତତିମାନେ ବିଶ୍ୱାସ ଉପରେ ଅବିଚଳ ଅଟନ୍ତି । ସେହି ଶୋହ୍‌ଦାମାନଙ୍କର ସନ୍ତାନମାନେ କୁହନ୍ତି ଯେ, ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଉପରେ ସେହିପରି ବିଶ୍ୱାସ ରଖୁ ଯେପରି ଆମର ଶହୀଦ୍ ହୋଇଥିବା ପିତୃପୁରୁଷମାନେ ବିଶ୍ୱାସ ରଖିଥିଲେ ଓ ଯେପରି ସେହି ଶୋହଦାମାନେ ନିଜର ପ୍ରାଣକୁ ଅମଦିୟତ୍ ସକାଶେ ଉତ୍ସର୍ଗ କରି ଦେଇଥିଲେ ଠିକ୍ ସେହିପରି ଆମେମାନେ ମଧ୍ୟ ନିଜର ପ୍ରାଣକୁ ଉତ୍ସର୍ଗ କରିବା ନିମନ୍ତେ ପ୍ରସ୍ତୁତ ଅଛୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅହମଦିମାନେ ଏପରି ଏପରି ପ୍ରେମଭରା ସନ୍ଦେଶ ପ୍ରେରଣ କରୁଛନ୍ତି ଯେ, ଏହି ସନ୍ଦେଶକୁ ଦେଖି ମୁଁ ଆଶ୍ଚର୍ଯ୍ୟ ଚକିତ ହୋଇପଡ଼େ ଯେ, ଦୂରରେ ବସିଥିବା ଏହି ଲୋକମାନଙ୍କୁ ଯେଉଁମାନଙ୍କୁ ଆମେମାନେ ବେଳେବେଳେ ଅଶିକ୍ଷିତ ବୋଲି ମନେକରିଥାଉ । ସେମାନଙ୍କ ଶରୀର ମଧ୍ୟରେ ବିଶ୍ୱାସର ଏପରି ଉଷ୍ମତା ରହିଛି ଯେ, ସେମାନଙ୍କର କଥନ ଏବଂ ଭାବାବେଗ, ସେମାନଙ୍କର ପ୍ରେମ, ଆନ୍ତରୀକତା ତଥା ଖିଲାଫତ୍ ସହିତ ପ୍ରେମର ଏକ ଅବର୍ଣ୍ଣନୀୟ ଅଦୃଷ୍ଟାନ୍ତନୀୟ ପ୍ରସଙ୍ଗ ଅଟେ । ଅତଏବ୍ ଅଲ୍ଲାଃତାଲାଙ୍କର ଏହି କୃପା ରହିଛି ଯେ, ଖିଲାଫତେ ଅହମଦିୟା ସହିତ ଅଲ୍ଲାଃତାଲା ଯେଉଁ ଅଙ୍ଗୀକାର କରିଥିଲେ ଯେ, ଏହି ଖିଲାଫତ୍ ପ୍ରଳୟ ଦିବସ ପର୍ଯ୍ୟନ୍ତ ଜାରି ରହିବ ଏବଂ ସେହି ଅଲ୍ଲାଃ ଏହି ସାର୍ବକାଳୀନ ବ୍ୟବସ୍ଥାକୁ ଅବ୍ୟାହତ ରଖିବା ନିମନ୍ତେ ଲୋକମାନଙ୍କ ହୃଦୟକୁ ମଧ୍ୟ ବିଶ୍ୱାସ ଦ୍ୱାରା ପରିପୂର୍ଣ୍ଣ କରୁଛନ୍ତି ଓ ପରିପୂର୍ଣ୍ଣ କରି ଚାଲିବେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ଆଫ୍ରିକାର ଏକ ଦେଶକୁ ମଧ୍ୟ ଯାଇଛି । ଜଣେ ବ୍ୟକ୍ତି ଯାହାର ବାହୁ ଦ୍ୱୟ ସଠିକ୍ ଭାବରେ କାମ କରୁ ନଥିଲା । ସେ ଜଣେ ଭିନ୍ନକ୍ଷମ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیۡسَ اللّٰہُ بِکَافٍ عَبۡدَہٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ବ୍ୟକ୍ତି ଥିଲେ । ସେ ମୋତେ ସଲାମ୍ କଲେ ଏବଂ ମୋତେ ଏତେ ଜୋରରେ ଆଲିଙ୍ଗନ କଲେ ଯେ, ଏପରି ପ୍ରତିତ ହେଉଥିଲା ଯେ, ମୋତେ ଜୋରରେ କେହି ଭିଞ୍ଚୁଛି । ମୁଁ ସେହି ବ୍ୟକ୍ତି ପଞ୍ଝାରେ ଆସି ଯାଇଛି । ସେହି ବ୍ୟକ୍ତି ଏତେ ପ୍ରମ ଓ ଆନ୍ତରୀକତା ପ୍ରକାଶ କୁରଥିଲା ଯେ, ମୁଁ ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲି । ଅର୍ଥାତ୍ ସେହି ବ୍ୟକ୍ତି ଜଣକ ମୋତେ କେତେ ଭଲ ପାଉଛି ? ସେହି ବ୍ୟକ୍ତି ସହିତ ମୋର କେବେ ଚିହ୍ନା ପରିଚୟ ହୋଇ ନାହିଁ କି ମୁଁ ତା'କୁ ଜାଣି ନାହିଁ । କେବଳ ସେହି ବ୍ୟକ୍ତି ହୃଦୟରେ ଖିଲାଫତ୍ ପ୍ରତି ଅସୀମ ପ୍ରେମ ଥିଲା । ଲୋକମାନେ ମୋତେ (ଉପସ୍ଥିତ ଖଲିଫା ହୁଜୁ ଅନୱର୍ ଅ.ବଙ୍କୁ) ଦେଖି କାନ୍ଦିବାକୁ ଲାଗି ଯାଉଥିଲେ ଏବଂ ସେମାନଙ୍କ ଚକ୍ଷରୁ ଲୁହ ଧାର ଧାର ହୋଇ ବହି ଯାଉଥିଲା । ସେମାନେ ମୋତେ ପୂର୍ବେ କେବେ ଭେଟି ନାହାନ୍ତି କି ସାକ୍ଷାତ୍ ମଧ୍ୟ କରି ନାହାନ୍ତି । ମୁଁ ସେମାନଙ୍କୁ ଜାଣି ନାହିଁ । ସେମାନଙ୍କର ସହିତ ମୋର ପରିଚୟ କେବେ ହୋଇ ନାହିଁ । କିନ୍ତୁ ସେମାନେ ମୋତେ ଦେଖି ଏପରି ବିଳାପ କରିବାକୁ ଲାଗି ଯାଆନ୍ତି ଯେପରିକି ମୁଁ ସେମାନଙ୍କର ଅତି ଆପଣାର । ସୁତରାଂ ଅଲ୍ଲାଃତାଲା ସେହି ଲୋକମାନଙ୍କ ମନରେ ଖିଲାଫତ୍ ନିମନ୍ତେ ଏହିପରି ପ୍ରେମ ତଥା ଆନ୍ତରୀକତା ସୃଷ୍ଟି କରି ଦେଇଛନ୍ତି । ସେହି ଖିଲାଫତ୍ ପ୍ରେମୀମାନେ ଏହି ଅଙ୍ଗୀକାର କରୁଥିଲେ ଯେ, ସେମାନେ ଖିଲାଫତେ ଅହମଦିୟାକୁ ଅକ୍ଷୁର୍ଣ୍ଣ ତଥା ଅବ୍ୟାହତ ରଖିବା ନିମନ୍ତେ ପ୍ରତ୍ୟେକ ପ୍ରକାରର ବଳିଦାନ ଦେବା ନିମନ୍ତେ ସର୍ବଦା ପ୍ରସ୍ତୁତ ରହିଛନ୍ତି । ହୁଜୁର ଅନ୍ୱର୍ ଅ.ବ କହିଲେ, ଏହା କେବଳ ଆମମାନଙ୍କର ଅଙ୍ଗୀକାର ନୁହେଁ ବରଂ ଆମେମାନେ ଏହି ଅଙ୍ଗୀକାରକୁ ପୂର୍ଣ୍ଣ ଏବଂ ସାର୍ଥକ କରି ଦେଖାଇବା ଦେବା ଉଚିତ୍। ଅସଂଖ୍ୟ ଲୋକମାନେ ମୋତେ ପ୍ରତ୍ୟେକ ବର୍ଷ ପତ୍ର ଲେଖନ୍ତି ଏବଂ ଅସଂଖ୍ୟ ପତ୍ର ଏପରି ହୋଇଥାଏ ଯେ, ସେହି ପତ୍ରରେ ଆବାଳ ବୃଦ୍ଧ ବନୀତାମାନେ ମୋ ପ୍ରତି ଥିବା ସେମାନଙ୍କର ପ୍ରେମ ଓ ଆନ୍ତରୀକତାର ଭାବାବେଗ ବ୍ୟକ୍ତି କରି ଥାଆନ୍ତି । ଏପରି ଏକ ପ୍ରେମର ଦୃଶ୍ୟ ରହିଛି ଯେ, ସେହି ଦୃଶ୍ୟକୁ ଦେଖି ମନୁଷ୍ୟ ହତବାକ୍ ହୋଇ ଯାଇଥାଏ । ଅର୍ଥାତ୍ ଅଲ୍ଲାଃତାଲା କିପରି ଏହି ଲୋକମାନଙ୍କ ମନରେ ଖିଲାଫତ୍ ପ୍ରତି, ଜମାଅତ୍ ନିମନ୍ତେ ଓ ହ. ମସିହ୍ ମଉଦ୍ ଅ.ସଙ୍କ ସକାଶେ ପ୍ରେମ ସୃଷ୍ଟି କରି ଦେଇଛନ୍ତି ଓ ଇସ୍ଲାମ୍ ଧର୍ମର ଉନ୍ନତି ନିମନ୍ତେ କେତେ ଯେ, ବେଦନା ସେମାନଙ୍କ ମନରେ ସୃଷ୍ଟି କରି ଦେଇଛନ୍ତି । ଅତଏବ୍ ଏହି ପ୍ରସଙ୍ଗ ରହିଛି ଯାହାକି ଖିଲାଫତେ ଅହମଦିୟା ମାଧ୍ୟମରେ ଅଲ୍ଲାଃତାଲା ସ୍ଥାପିତ କରି ଦେଇଛନ୍ତି । ଏହି ବିଶ୍ୱାସିକ ମନୋଭାବକୁ ଜାରି ରଖିବା ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ କୁହନ୍ତି ଯେ, ତୁମେମାନେ ଏହା ଉପରେ ଯଦି ପ୍ରତିଷ୍ଠିତ ତଥା ଅବ୍ୟାହତ ରହିବ, ତୁମେମାନେ ଯଦି ପୁଣ୍ୟ ଉପରେ ପ୍ରତିଷ୍ଠିତ ହୋଇ ରହିବ, ନିଜର କର୍ମକୁ ସତ୍‌କର୍ମ ଅନୁଯାୟୀ କରୁଥିବ ସେତେବେଳେ ତୁମେମାନେ ତହିଁରୁ ଉପକୃତ ମଧ୍ୟ ହେଉଥିବ । ଅଲ୍ଲାଃତାଲା ଏହି ଆୟତ୍‌ମାନଙ୍କରେ (ଆୟାତେ ଇସ୍ତିଖଲାଫ୍‌ରେ) ଏହା ମଧ୍ୟ କହିଛନ୍ତି ଯେ, ସେମାନେ ଅର୍ଥାତ୍ ବିଶ୍ୱାସକାରୀମାନେ ବିଶ୍ୱାସରେ ଏପରି ଉନ୍ନତି କରନ୍ତି ଯେପରିକି ସେମାନେ କେବେ ବି ସିର୍କ କରନ୍ତି ନାହିଁ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଅତଏବ୍ ଆମମାନଙ୍କ ନିମନ୍ତେ ଏହା ମଧ୍ୟ ଜରୁରୀର ଅଟେ ଯେ, ଆମେମାନେ ସର୍ବଦା ପ୍ରତ୍ୟେକ ପ୍ରକାରର ସିର୍କ ଠାରୁ ବର୍ତ୍ତିବା ଉଚିତ୍ । ହୁଜୁର ଅନ୍ୱର୍ ଅ.ବ କହିଲେ, ବିଗତ ଦିନରେ ମୁଁ ୟୁ.କେର ଶୁରାରେ ଯେଉଁ ଉଦ୍‌ବୋଧନ ଦେଇଥିଲି, ତହିଁରେ ମଧ୍ୟ ମୁଁ ଏହା ହିଁ କହିଥିଲି ଯେ, ହ. ମୁସ୍ଲେହ୍ ମଉଦ୍ ର.ଅ ବିଭିନ୍ନ ପ୍ରାମାଣ୍ୟ ମାଧ୍ୟମରେ ଉକ୍ତ କଥା କହିଥିଲେ ଯେ, ଯଦି ଆମମାନଙ୍କ ମଧ୍ୟରେ, କୌଣସି ପଦାଧିକାରୀମାନଙ୍କ ମଧ୍ୟରେ, କେବଳ ପଦାଧିକାରୀମାନଙ୍କୁ ସମ୍ବୋଧିତ କରାଯାଇ ନାହିଁ ବରଂ ପ୍ରତ୍ୟେକ ଅହମଦିକୁ ସମ୍ବୋଧିତ କରାଯାଇଛି ଯେ, ଯଦି କୌଣସି ବ୍ୟକ୍ତି ମଧ୍ୟରେ ଅହଂ ଭାବ ରହିଛି, ଆମମାନଙ୍କ ମଧ୍ୟରେ ଯଦି କୌଣସି ଅହଂକାର ରହିଛି ତେବେ ଆମମାନଙ୍କ ମଧ୍ୟରେ ସିର୍କର ଅପମିଶ୍ରଣ ରହିଛି । ଅତଏବ୍ ଯଦି ଆମମାନେ ଖିଲାଫତ୍‌ର କଲ୍ୟାଣରୁ ପ୍ରକୃତ ରୂପେ ଉପକୃତ ହେବାକୁ ଚାହୁଁଛେ ଓ ପ୍ରକୃତ ରୂପେ ଅଲ୍ଲାଃତାଲାଙ୍କର କୃପାର ପାତ୍ର ହେବାକୁ ଚାହୁଁଛେ ତେବେ ଆମମାନଙ୍କୁ ପ୍ରତ୍ୟେକ ପ୍ରକାରର ସିର୍କରୁ, ନିଜର ଅହଂଭାବରୁ, ଅହଂକାରରରୁ ନିଜକୁ ମୁକ୍ତି ପ୍ରଦାନ କରିବାକୁ ହେବ ଓ ତହିଁରୁ ନିଜକୁ ପବିତ୍ର କରିବାକୁ ହେବ । ଏପରି ପଦାଧିକାରୀ, ଏପରି କର୍ମକର୍ତ୍ତାମାନେ ସେତେବେଳେ ଯାଇ ଜମାଅତ୍‌ର ଉପାଦେୟ ଓ ଲାଭଦାୟକ ସାବ୍ୟସ୍ତ ହୋଇପାରିବେ ଯେତେବେଳେ ସେମାନଙ୍କ ମଧ୍ୟରେ ଥିବା ଅହଂଭାବ ସମାପ୍ତ ହୋଇଯିବ, ଯେତେବେଳେ ସେମାନଙ୍କର ଅହଂକାର ସମାପ୍ତ ହୋଇଯିବ ସେତେବେଳେ ସେମାନେ କେବଳ ଓ କେବଳ ଅଲ୍ଲାଃତାଲାଙ୍କ ସକାଶେ ହିଁ କାର୍ଯ୍ୟ ସମ୍ପାଦନ କରିବେ ଓ କାର୍ଯ୍ୟ ସମ୍ପାଦନକାରୀ ବ୍ୟକ୍ତି ରୂପେ ପରିଗଣିତ ହେବେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ଅଲ୍ଲାଃତାଲା ଏହା କହିଛନ୍ତି ଯେ, ଏହି ଲୋକମାନେ ଏପରି ଅଟନ୍ତି ଯେଉଁମାନେ ନମାଜ୍ ନିୟମିତ ରୂପେ ପାଠକାରି ଥାଆନ୍ତି ଏବଂ ଜକାତ୍ ପୈଠ କରିଥାଆନ୍ତି, ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ପୂର୍ଣ୍ଣ ଆଜ୍ଞାପାଳନ କରନ୍ତି । ଏହି ଲୋକମାନେ ହେଉଛନ୍ତି ଏପରି ଲୋକ ଯେଉଁମାନଙ୍କ ଉପରେ ଅଲ୍ଲାଃତାଲା ଦୟାବତୀର୍ଣ୍ଣ କରିବେ । ସୁତରାଂ ଅଲ୍ଲାଃତାଲା ବର୍ତ୍ତମାନ ହ. ମସିହ୍ ମଉଦ୍ ଅ.ସଙ୍କ ମାଧ୍ୟମରେ ପୁରସ୍କାରର ଏହି ପରମ୍ପରା, ଖିଲାଫତ୍‌ର ପୁରସ୍କାରର ପରମ୍ପରା ଆରମ୍ଭ କରିଛନ୍ତି । ତହିଁରୁ ଉପକୃତ ହେବା ନିମନ୍ତେ ପ୍ରତ୍ୟେକ ଅହମଦିକୁ ଅଲ୍ଲାଃତାଲାଙ୍କ ଆଦେଶକୁ ସ୍ମରଣ ରଖିବା ଉଚିତ୍ ଯେ, ଅଲ୍ଲାଃତାଲାଙ୍କର ଅଙ୍ଗୀକାର ଖିଲାଫତ୍‌ର କଲ୍ୟାଣକୁ ଜାରି ରଖିବା ନିମନ୍ତେ କିମ୍ବା ଖିଲାଫତରୁ ଉପକୃତ ହେବା ନିମନ୍ତେ ପୂର୍ଣ୍ଣ ଆଜ୍ଞାକାରୀଙ୍କ ସହିତ ରହିଛି । ଅଲ୍ଲାଃତାଲାଙ୍କ ଉପାସନାକୁ ସର୍ବଦା ନିଜ ଦୃଷ୍ଟି ସମ୍ମୁଖରେ ରଖନ୍ତୁ । କାରଣ ଯେଉଁମାନେ ପୂର୍ଣ୍ଣ ରୂପେ ଅଲ୍ଲାଃତାଲାଙ୍କ ଆଜ୍ଞା ପାଳନ କରନ୍ତି ସେହିମାନେ ହିଁ ସର୍ବଦା ଅଲ୍ଲାଃତାଲାକୁ ସ୍ମରଣ ରଖି ଥାଆନ୍ତି । ଅଲ୍ଲାଃତାଲା ଉପାସନା ନିମନ୍ତେ ଆମମାନଙ୍କୁ ବାରମ୍ବାର ଆଦେଶ ଦେଇଛନ୍ତି ଯେ, ତୁମେମାନେ ନମାଜ ପାଠ କର । ତେଣୁ ନମାଜ ପାଠ କରିବା ଅତ୍ୟନ୍ତ ଆବଶ୍ୟକୀୟ ପ୍ରସଙ୍ଗ ଅଟେ । ଅତଃ ପ୍ରତ୍ୟେକ ଅହମଦିକୁ ଯେଉଁମାନେ ନିଜକୁ ଖିଲାଫତ୍ ସହିତ ସଂଶ୍ଲୀଷ୍ଟ ରଖିବାକୁ ଚାହୁଁଛନ୍ତି ଓ ଏହି କଲ୍ୟାଣରୁ ଉପକୃତ ହେବାକୁ ଚାହୁଁଛନ୍ତି ତେବେ ସେମାନଙ୍କୁ ଉକ୍ତ କଥା ସ୍ମରଣ ରଖିବାକୁ ହେବ ଯେ, ସେମାନେ ନମାଜ୍ ପାଠ କରିବା ପ୍ରତି ପୂର୍ଣ୍ଣ ରୂପେ ମନଯୋଗ ଓ ମନୋନିବେଶ କରିବେ । ଏକ ସ୍ଥାନରେ ହ. ମୁସ୍ଲେହ୍ ମଉଦ୍ ର.ଅ ନମାଜ ପାଠ କରିବାର ବ୍ୟାଖ୍ୟା କରି ଅତ୍ୟନ୍ତ ଉତ୍ତମ ଢଙ୍ଗରେ କୁହନ୍ତି ଯେ, ନମାଜ୍‌ର ସର୍ବୋତ୍କୃଷ୍ଟ ଅଂଶ ବା ଭୋଗ ହେଉଛି ନମାଜ ଜୁମା । କାରଣ ଏହି ନମାଜ୍‌ରେ ଇମାମ୍ ଖୁତ୍‌ବା ପାଠ କରିଥାଏ ଏବଂ ଲୋକମାନଙ୍କୁ ଉପଦେଶ ଦେଇଥାଏ । ଜୁମା ଦିନ ଉପସ୍ଥିତ ଖଲିଫା ସଂସାରର ବିଭିନ୍ ପରିସ୍ଥିତିକୁ ଦେଖି ସଂସାରର ବିଭିନ୍ନ ଜାତିରେ ସମୟେ ସମୟେ ସୃଷ୍ଟି ହେଉଥିବା ବିଶୃଙ୍ଖଳା ଜନିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉପଦେଶମାନ ଦେଇଥାଆନ୍ତି । ଏହି ଉପଦେଶ ଦ୍ୱାରା ଜାତୀୟ ଏକତା ଏବଂ ଜାତୀୟ ସଂହତି ସୃଷ୍ଟି ହୋଇଥାଏ ।

**(ତଫ୍‌ସିର୍ କବିର୍, ଭାଗ-8, ପୃ-575, ସଂସ୍କରଣ ବର୍ଷ-2022 ମସିହା)**

ଉପସ୍ଥିତ ଖଲିଫା ସମସ୍ତଙ୍କୁ ଏକତ୍ରିତ କରି ରଖି ଥାଆନ୍ତି । ଆଜି ଆମେମାନେ ଦେଖୁ ଯେ, ଏହାର ପ୍ରକୃତ ଛବି ଆମମାନଙ୍କ ସମ୍ମୁଖରେ ରହିଛି । ସୁତରାଂ ଆଜି ଏମ.ଟି.ଏ ମାଧ୍ୟମରେ ଅଲ୍ଲାଃତାଲା ସେହି ବ୍ୟବସ୍ଥା ସ୍ଥାପନ କରିଦେଇଛନ୍ତି ଯେ, ଉପସ୍ଥିତ ଖଲିଫାଙ୍କର ଖୁତ୍‌ବା ପ୍ରତ୍ୟେକ ଦେଶରେ, ପ୍ରତ୍ୟେକ ଅଞ୍ଚଳରେ, ପ୍ରତ୍ୟେକ ସହରରେ, ପ୍ରତ୍ୟେକ ଗ୍ରାମରେ ଶୁଣାଯାଏ ଏବଂ ଦେଖାଯାଏ । କେବଳ ସେତିକି ନୁହେଁ ବରଂ ଯେଉଁ କଥା ଉପସ୍ଥିତ ଖଲିଫା କରୁଛନ୍ତି ତାହା କେବଳ ସମ୍ମୁଖରେ ଉପସ୍ଥିତ ଥିବା ଲୋକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ହୋଇଥାଏ । ତାହା ନୁହେଁ । ବରଂ ଅନେକ ପତ୍ର, ଆଫ୍ରିକାରୁ, ତୁର୍କୀରୁ, ଋଷ୍ ଦେଶରୁ ଆସିଥାଏ ଏବଂ ଲୋକମାନେ ନିଜ ପତ୍ରରେ କୁହନ୍ତି ଯେ, ହୁଜୁର ! ଆପଣ ଯେଉଁସବୁ କଥା କହୁଛନ୍ତି ତାହା ଏପରି ପ୍ରତିତ ହେଉଛି ଯେପରିକି ତାହା ଆମମାନଙ୍କର ଅବସ୍ଥାନୁଯାୟୀ ଅଟନ୍ତି। ଆମେମାନେ ଆପଣଙ୍କର ଖୁତ୍‌ବା ତଥା ଉପଦେଶାବଳୀ ଶୁଣି ନିଜର ଚରିତ୍ରକୁ ସଂଶୋଧନ କରିବା ନିମନ୍ତେ ଧ୍ୟାନ ସୃଷ୍ଟି ହେଉଛି । ଏହା ଅନୁଭବ ହେଉଛି ଯେପରିକି ପ୍ରକୃତରେ ଖିଲାଫତ୍‌ର ବ୍ୟବସ୍ଥା ଏପରି ଏକ ବ୍ୟବସ୍ଥା ଅଟେ ଯେ, ଏହି ବ୍ୟବସ୍ଥା ଆମମାନଙ୍କୁ ଏକତାର ଡୋରରେ ଗୁନ୍ଥି ଦେଇଛି । ହୁଜୁର ଅନ୍ୱର୍ ଅ.ବ କହିଲେ, ଏହା ଭାବିବା କି ମୁଁ ଯେଉଁ କଥା କହୁଛି ତାହା କେବଳ ପାକିସ୍ତାନୀ ବ୍ୟକ୍ତିମାନଙ୍କ ନିମନ୍ତେ କିମ୍ବା ୟୁରୋପର କେତେକ ଲୋକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ । ଏପରି ନୁହେଁ । ବରଂ ପତ୍ରରୁ ମୁଁ ଏହା ଜାଣି ପାରୁଛି ଯେ, ସଂସାରର ପ୍ରତ୍ୟେକ କୋଣରେ, ପ୍ରତ୍ୟେକ ଦେଶରେ ଯେଉଁ ବର୍ଣ୍ଣନା ରହିଛି ତହିଁରେ କିଛି ନା କିଛି ଏପରି କଥା (ସତ୍ୟତା) ରହିଛି ଯାହାକି ଏକାପରି ଅଟନ୍ତି । ଏହି କାରଣରୁ ଲୋକମାନଙ୍କୁ ନିଜର ସଂଶୋଧନ କରିବାର ସୁଯୋଗ ପ୍ରାପ୍ତ ହୋଇଯାଉଛି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଆଜିକାଲି ମୁଁ ଇସ୍ଲାମୀୟ ଇତିହାସ ସଂପର୍କରେ ଖୁତ୍‌ବାରେ କିଛି କଥା କହୁଛି । ଆଁହଜରତ ସ,ଅଙ୍କ ଜୀବନୀ ସଂପର୍କରେ ମୁଁ ଖୁତ୍‌ବାରେ କିଛି କଥା କହିଥାଏ । ସେହି ଖୁତ୍‌ବାରେ ଏପରି ଅନେକ କଥା ଚାଲି ଆସୁଛି ଯାହା ଆମମାନଙ୍କ ନିମନ୍ତେ ଉପଦେଶ ଅଟନ୍ତି । ଏହି ଉପଦେଶରୁ ଲୋକମାନେ ବେଶ୍ ଲାଭବାନ୍ ହେଉଛନ୍ତି । ଏତଦ୍‌ଭିନ୍ନ ସେମାନଙ୍କୁ ଇସ୍ଲାମୀୟ ଇତିହାସ ସଂପର୍କରେ ମଧ୍ୟ ଜ୍ଞାନ ପ୍ରାପ୍ତ ହେଉଛି । ସେମାନଙ୍କୁ ଇସ୍ଲାମ୍ ଧର୍ମର ମୌଳିକ କଥା ସଂପର୍କରେ ସୂଚନା ମିଳୁଛି । ଏହି କ୍ରମରେ ଲୋକମାନଙ୍କୁ ସାହାବାମାନଙ୍କ ଜୀବନୀ ସଂପର୍କରେ ମଧ୍ୟ ଅନେକ କଥା ଜ୍ଞାତ ହୋଇଛି ଓ ଆଁହଜରତ ସ.ଅଙ୍କ ବିଭିନ୍ନ ଅବସରରେ ଯେଉଁ ଉତ୍ତମ ଆଦର୍ଶ ରହିଛି ତାହା ସଂପର୍କରେ ମଧ୍ୟ ଜ୍ଞାନ ପ୍ରାପ୍ତ ହେଉଛି । ଏହି ଜୀବନୀମାନଙ୍କରେ ଏପରି କେତେକ କଥା ରହିଛି ଯାହା ସେମାନଙ୍କର ବ୍ୟକ୍ତିଗତ ସଂଶୋଧନ ନିମନ୍ତେ ମଧ୍ୟ ସେମାନଙ୍କ ନିମନ୍ତେ ଲାଭଦାୟକ ଅଟନ୍ତି । ଲୋକମାନେ ତହିଁରୁ ଲାଭାନ୍ୱିତ ତଥା ଉପକୃତ ମଧ୍ୟ ହେଉଛନ୍ତି । ଏହାର ପରିପ୍ରକାଶ ମଧ୍ୟ ଲୋକମାନେ କରିଥାଆନ୍ତା । ଅତଏବ୍ ଖିଲାଫତ୍ ହେଉଛି ସେହି ମାଧ୍ୟମ ତଥା ପନ୍ଥା ଯେଉଁ ପନ୍ଥା ଅଲ୍ଲାଃତାଲା ଆମମାନଙ୍କୁ ପ୍ରଦାନ କରିଛନ୍ତି ଓ ଆମମାନଙ୍କ ସକାଶେ ଉକ୍ତ ପନ୍ଥାକୁ ଅଲ୍ଲାଃତାଲା ସୃଷ୍ଟି କରିଛନ୍ତି । ଏହି ପନ୍ଥା ମାଧ୍ୟମରେ ଜମାଅତ୍ ଅହମଦିୟା ମଧ୍ୟରେ ଏକତା ସୃଷ୍ଟି ହୋଇଯାଇଛି ଏବଂ ପୃଥିବୀର 215ଟି ଦେଶରେ ରହୁଥିବା ପ୍ରତ୍ୟେକ ଅହମଦିମାନେ ଏକ ହୋଇ ଏହି ବ୍ୟବସ୍ଥା ସହିତ ସଂଶ୍ଲୀଷ୍ଟ ହୋଇଛନ୍ତି ତଥା ନିଜର ସଂଶୋଧନ ନିମନ୍ତେ ଉଦ୍ୟମ କରୁଛନ୍ତି । ଅଲ୍ଲାଃତାଲା ଆମମାନଙ୍କୁ ଜକାତ୍ ପୈଠ କରିବା ନିମନ୍ତେ ଆଦେଶ ଦେଇଛନ୍ତି । ଏହି ଜକାତ୍ ପୈଠ କରିବା ଆତ୍ମଶୁଦ୍ଧି ପକ୍ଷେ ଅତ୍ୟନ୍ତ ଆବଶ୍ୟକ ଅଟେ । ତେଣୁ ଆପଣମାନେ ନିଜର ଧନକୁ ପବିତ୍ର କରନ୍ତୁ । ତହିଁରେ (ଧନରେ) ଆର୍ଥିକ ବଳିଦାନ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । ହୁଜୁର ଅନ୍ୱର୍ ଅ.ବ କହିଲେ, ଆଜି କେବଳ ଜମାଅତ୍ ଅହମଦିୟା ମାଧ୍ୟମରେ ହିଁ ଏହି ଆର୍ଥିକ ବ୍ୟବସ୍ଥା ଜାରି ରହିଛି ଓ ଉପସ୍ଥିତ ଖଲିଫାଙ୍କ ଆଜ୍ଞା ପାଳ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 07 Aug 2025 Issue No. 32

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

କରିବା ଦ୍ୱାରା, ଚାନ୍ଦା ଦେବା ଦ୍ୱାରା ବିଶ୍ୱର ବିଭିନ୍ନ ଦେଶମାନଙ୍କରେ ବାସ କରୁଥିବା ଅହମଦିମାନଙ୍କର ଆବଶ୍ୟକତା ପୂରଣ ହୋଇପାରୁଛି । ଯଦି ଗୋଟିଏ ଦେଶରେ ଅଭାବ ରହିଛି ତେବେ ଅନ୍ୟ ଦେଶ ମାଧ୍ୟମରେ ସେହି ଅଭାବ ପୂରଣ ହୋଇ ପାରୁଛି। ଲୋକମାନେ ଆଫ୍ରିକାରେ ମହାନ୍ ବଳିଦାନ ଦେଉଛନ୍ତି । କିନ୍ତୁ ସେମାନଙ୍କର ପରିସ୍ଥିତି ଏପରି ଅଟେ ଯେ, ସେମାନଙ୍କର ଆୟ ତୁଳନାରେ ବ୍ୟୟ ଅଧିକ ଅଟେ । ସେଇଥି ପାଇଁ ବାହାର ଦେଶରୁ ଆଫ୍ରିକାକୁ ଟଙ୍କା ପ୍ରେରଣ କରିବାକୁ ପଡୁଛି । ଆଫ୍ରିକାରେ ଏହି ଚାନ୍ଦାର ଅର୍ଥ ସାହାଯ୍ୟରେ ବିଦ୍ୟାଳୟ ଏବଂ ଚିକିତ୍ସାଳୟ (ହସ୍ପିଟାଲ୍) ମିଶନ୍ ହାଉସେସ୍ ଏବଂ ମସ୍‌ଜିଦ୍‌ର ବ୍ୟବସ୍ଥା ଜାରି ରହିଛି ସେଠାରେ ଲୋକମାନେ ଉକ୍ତ କଥାର କୃତଜ୍ଞ ଅଟନ୍ତି ଯେ, ଅଲ୍ଲାଃତାଲା କିପରି ଆମମାନଙ୍କୁ ଏକ ବ୍ୟବସ୍ଥାରେ ରଖି ତହିଁରୁ ଆମମାନଙ୍କୁ ଉପକୃତ ତଥା ଲାଭାନ୍ୱିତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରିଛନ୍ତି । ବିରୋଧୀମାନେ ସେହି ଦେଶମାନଙ୍କର ପହଞ୍ଚୁଛନ୍ତି ଏବଂ କେତେକ ସ୍ଥାନ ଏପରି ରହିଛି ଯେଉଁଠି ବିରୋଧୀମାନେ ଯାଇ ଲୋକମାନଙ୍କୁ କହୁଛନ୍ତି ଯେ, ତୁମେମାନେ କାଦିୟାନିୟତ୍ ଛାଡ଼ିଦିଅ । ମିର୍ଜାଇୟତ୍ କିମ୍ବା ଅହମଦିୟତ୍ ଛାଡ଼ିଦିଅ । ଏହି ଅହମଦି ଲୋକମାନେ ଇସ୍‌ଲାମୀୟ ଶିକ୍ଷାନୁଯାୟୀ ଇସ୍‌ଲାମୀୟ ଶିକ୍ଷା ଉପରେ କାର୍ଯ୍ୟାନୁସରଣକାରୀ ଲୋକ ନୁହନ୍ତି । କିନ୍ତୁ ଯେଉଁ ଅଣଅହମଦି ଲୋକମାନେ ଏହି ନିରୀହ ଆଫ୍ରିକୀୟ ଅହମଦିମାନଙ୍କ ପାଖକୁ ଯେତେବେଳେ ଆସନ୍ତି ସେତେବେଳେ ଏହି ଅହିମଦିମାନେ ସେମାନଙ୍କୁ ଏହି ଉତ୍ତର ଦିଅନ୍ତି ଯେ, ତୁମେମାନେ ଆମମାନଙ୍କୁ ଏପର୍ଯ୍ୟନ୍ତ କିଛି ଶିଖେଇ ପାରିଲ ନାହିଁ । ଆଜି ଯେତେବେଳେ ଜମାଅତ୍ ଅହମଦିୟା ଏଠାକୁ ଆସିଛି ଏବଂ ସେମାନେ ଆମମାନଙ୍କର ଗ୍ରାମରେ, ଆମମାନଙ୍କର ପ୍ରାନ୍ତରେ, ଆମମାନଙ୍କ ସହରରେ ମସଜିଦ୍ ନିର୍ମାଣ କରୁଛନ୍ତି, ଆମମାନଙ୍କ ଶିକ୍ଷା ପ୍ରତି ଏମାନେ ଯେତେବେଳେ ଧ୍ୟାନ କେନ୍ଦ୍ରିତ କରୁଛନ୍ତି, ଆମମାନଙ୍କୁ ବିଦ୍ୟାଳୟ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି, ଆମମାନଙ୍କୁ ଚିକିତ୍ସାଳୟ ବା ହସ୍ପିଟାଲ୍ ନିର୍ମାଣ କରି ଦେଉଛନ୍ତି ଏବଂ ଆମମାନଙ୍କୁ ଧର୍ମ ଶିକ୍ଷା ପ୍ରଦାନ କରୁଛନ୍ତି, ଆମମାନଙ୍କୁ ପବିତ୍ର କୁରଆନ୍ କରୀମ୍ ପାଠ ପଢାଉଛନ୍ତି ଓ ପବିତ୍ର କୁରଆନ୍ କରୀମ୍‌ର ଅନୁବାଦ ଆମମାନଙ୍କୁ ଶିଖାଉଛନ୍ତି ସେତେବେଳେ ତୁମମାନଙ୍କୁ ଏତେ କଷ୍ଟ କାହିଁକି ହେଉଛି? ତୁମେମାନେ ତ' ଏସବୁ ଉନ୍ନୟନମୂଳକ କାର୍ଯ୍ୟ ଏପର୍ଯ୍ୟନ୍ତ କିଛି କରିପାରିଲ ନାହିଁ ଆଉ ଆଜି ତୁମେମାନେ ଏମାନଙ୍କର ବିରୋଧ କରୁଛ ଏବଂ ଆମମାନଙ୍କୁ ଏହା କହୁଛି ଯେ, ଏମାନେ ମୁସଲମାନ ନୁହନ୍ତି । ତୁମେମାନେ ଆମ ପଛେ ପୁରା ପଡ଼ିଯାଇଛ । ଯଦି ଏମାନେ ମୁସଲମାନ ନୁହନ୍ତି ତେବେ ସଂସାରରେ କେହି ବି ମୁସଲମାନ ନୁହନ୍ତି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏ ହେଉଛି ସେହି ନବଦୀକ୍ଷିତ (ନ ମୁବାଇନ୍)ଙ୍କ ଉତ୍ତର । ଅତଏବ୍ ଖିଲାଫତ୍ ଜାରି ରହିବାର ବ୍ୟବସ୍ଥା ଅଟେ ଯେ, ଏହି ଖିଲାଫତ୍ ମାଧ୍ୟମରେ ହିଁ ଅଲ୍ଲାଃତାଲା ଲୋକମାନଙ୍କ ହୃଦୟରେ ଆର୍ଥିକ ବଳିଦାନ ସୃଷ୍ଟି କରିଛନ୍ତି ଏବଂ ଚାନ୍ଦା, ଜକାତ୍ ମାଧ୍ୟମରେ ଓ ଖିଲାଫତ୍ ମାଧ୍ୟମରେ ଯେଉଁ ଉଚିତ୍ ଖର୍ଚ୍ଚ ରହିଛି ତାହା ସମ୍ପାଦନ ହେଉଅଛି ଏବଂ ପୁନଶ୍ଚ ନିଜାମା ଖିଲାଫତ୍ ମାଧ୍ୟମରେ ଏହି ଅଭାବି ବ୍ୟକ୍ତିମାନଙ୍କର ଲାଳନ ପାଳନ କାର୍ଯ୍ୟ ମଧ୍ୟ ସମ୍ପାଦିତ ହେଉଅଛି । ଅଭାବି ବ୍ୟକ୍ତିମାନଙ୍କର ଆବଶ୍ୟକତା ପରିପୂରଣ ହୋଇପାରୁଛି ଓ ଇସ୍‌ଲାମ୍ ଧର୍ମର ପ୍ରକାଶନ କାର୍ଯ୍ୟ ମଧ୍ୟ ସମ୍ପାଦନ ହୋଇପାରୁଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଯେପରିକି ମୁଁ ପୂର୍ବେ କହିଛି ଯେ, ଏପରି କେତେକ ସ୍ଥାନ ମଧ୍ୟ ରହିଛି ଯେଉଁଠି ଅହମଦିମାନଙ୍କ ପ୍ରତି ଅତ୍ୟାଚାର ଓ କ୍ରୁରତା ପ୍ରଦର୍ଶନ କରାଯାଉଛି । ଯେପରିକି ବାଂଲାଦେଶ ରହିଛି, କେତେକ ଆରବୀୟ ଦେଶ ରହିଛନ୍ତି, ଆଫ୍ରିକାର କେତେକ ଦେଶ ରହିଛନ୍ତି, ପାକିସ୍ତାନ ରହିଛି ଓ ପାଲେଷ୍ଟାଇନ୍‌ରେ ମଧ୍ୟ ଆଜିକାଲି ଯେଉଁଠି ସ୍ୱଳ୍ପ ସଂଖ୍ୟକ ଅହମଦିମାନେ ବାସ କରନ୍ତି ସେଠାରେ ଅହମଦିମାନେ ଅତି କଷ୍ଟରେ ଦିନ ଅତିବାହିତ କରୁଛନ୍ତି । ସାମୂହିକ ରୂପେ କହିବାକୁ ଗଲେ ସମଗ୍ର ପାଲେଷ୍ଟାଇନ୍ ଜାତି କଷ୍ଟ ଓ ବିପଦଗ୍ରସ୍ତ ଅଟନ୍ତି । ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ପ୍ରଦର୍ଶନ କରାଯାଉଛି ଏବଂ ଅତ୍ୟାଚାରୀମାନଙ୍କର ଏହି ଉଦ୍ୟମ ରହିଛି ଯେ, ପାଲେଷ୍ଟାଇନ୍ ବାସୀଙ୍କ ବଂଶକୁ ସଂପୂର୍ଣ୍ଣ ରୂପେ ଲୋପ କରିଦିଆଯାଉ । ଏହି ଅତ୍ୟାଚାରୀ ଇହୁଦୀମାନେ ଏପରି କାର୍ଯ୍ୟ କରୁଛନ୍ତି । ଅଲ୍ଲାଃତାଲା ନିର୍ଯାତିତ ଓ ନିଷ୍ପେଷିତମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । କିନ୍ତୁ ସେ ଯାହା ହେଉ ଯେଉଁ ଅହମଦିମାନେ ରହିଛନ୍ତି ସେମାନେ ଏହି ସମସ୍ତ ବିପତ୍ତିକୁ ଦେଖିବା ସତ୍ତ୍ୱେ ମଧ୍ୟ ଉକ୍ତ କଥାର କୃତଜ୍ଞତା ଜ୍ଞାପନ କରିଥାଆନ୍ତି ଯେ, ଆମମାନଙ୍କ ମଧ୍ୟରେ ନିଜାମେ ଖିଲାଫତ୍ ବ୍ୟବସ୍ଥା ଅବ୍ୟାହତ ରହିଛି । ଏହି ବ୍ୟବସ୍ଥା ଆମମାନଙ୍କୁ ଆଶ୍ୱାସନା ପ୍ରଦାନ କରେ ଓ ଉପସ୍ଥିତ ଖଲିଫା ଆମମାନଙ୍କର ଆବଶ୍ୟକତାକୁ ମଧ୍ୟ ପୂରଣ କରିବା ନିମନ୍ତେ ଉଦ୍ୟମରତ ଅଟନ୍ତି ।

ସଂସାରରେ ଆମେମାନେ ଏହା ଦେଖୁଛୁ ଏବଂ ହ. ମସିହ୍ ମଉଦ୍ ଅ.ସ ଯେପରି କହିଥିଲେ ଯେ, ସଂସାରରେ ଅନେକ ଘଟଣା ଘଟିବ । କେତେକ ଘଟଣା ପ୍ରାକୃତିକ ବିପର୍ଯ୍ୟୟ ଅଟେ ତ' ଆଉ କେତେକ ବିପର୍ଯ୍ୟୟ ମନୁଷ୍ୟମାନଙ୍କର ନିଜସ୍ୱ ଭୁଲ୍ ଯୋଗୁଁ, ନିଜର ଅହଂଭାବ ଯୋଗୁଁ ଏକ ଉପଦ୍ରବ ଓ ହିଂସା ସଂସାରର ସୃଷ୍ଟି ହୋଇଛି। ଏହି କାରଣରୁ ବିଶ୍ୱରେ ଯୁଦ୍ଧ ସଂଘଟିତ ହେଉଅଛି ଓ ଉପଦ୍ରବ ମଧ୍ୟ ସୃଷ୍ଟି ହେଉଛି। ଯଦି ଏହି ଲୋକମାନେ ଏବେ ବି ଅଲ୍ଲାଃତାଲାଙ୍କ ଆଡ଼କୁ ଧ୍ୟାନ ନଦିଅନ୍ତି ତେବେ ସଂସାରରେ ଏକ ମହା ବିନାଶ ଆସିଯିବ । ଏହି ମହା ବିନାଶ ସଂପର୍କରେ ହ. ମସିହ୍ ମଉଦ୍ ଅ.ସ ଅନେକ ଥର ଭବିଷ୍ୟବାଣୀ କରିଛନ୍ତି । ସୁତରାଂ ଖିଲାଫତ୍ ବ୍ୟବସ୍ଥା ସହିତ ସଂଶ୍ଳିଷ୍ଟ ରହିଥିବା ସଦସ୍ୟବୃନ୍ଦଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ସେମାନେ ଏଥିପ୍ରତି ଧ୍ୟାନ ଦିଅନ୍ତୁ । ଅର୍ଥାତ୍ ସେମାନେ ସଂସାରକୁ ବିନାଶରୁ ଉଦ୍ଧାର କରିବେ । ସେମାନେ ଯେତେବେଳେ ସଂସାରକୁ ବିନାଶରୁ ଉଦ୍ଧାର କରିବା ନମିନ୍ତେ ଅଙ୍ଗୀକାର ତଥା ଶପଥ ନେବେ, ତେବେ ଏଥି ନିମନ୍ତେ ସେମାନେ ଉଦ୍ୟମ ମଧ୍ୟ କରିବା ଉଚିତ୍।

**(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ...........)**

## କାଦିୟାନ୍ ସ୍ଥିତ ସୌନ୍ଦର୍ଯୀକରଣ ବିଭାଗରେ ମାଳି ସେବା କରିବାକୁ ଥିବା ଇଚ୍ଛୁକ ଓ ଅଗ୍ରହୀ ପ୍ରାର୍ଥୀମାନେ ଦୟାକାରି ଧ୍ୟାନ ଦିଅନ୍ତୁ

**ସର୍ତ୍ତାବଳୀ:**

(1) ପ୍ରାର୍ଥୀଙ୍କ ବୟସ 50 ବର୍ଷରୁ ଅଧିକ ହୋଇ ନଥିବ କି 18 ବର୍ଷରୁ କମ୍ ବୟସ ହୋଇ ନଥିବ ।

(2) ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ସଂପର୍କରେ କୌଣସି ସର୍ତ୍ତ ନାହିଁ ।

(3) ଜନ୍ମତିଥିର ପ୍ରମାଣ ସ୍ୱରୂପ କୌଣସି ସରକାରୀ ଅନୁଷ୍ଠାନ ଦ୍ୱାର ସ୍ୱୀକୃତ ପ୍ରାପ୍ତ ପ୍ରମାଣ ପତ୍ର ଗ୍ରହଣ ଯୋଗ୍ୟ ହେବ ।

(4) ଯେଉଁମାନେ ମର୍କଜ୍‌ର ନିଯୁକ୍ତି ସଂସ୍ଥାଙ୍କ ଦ୍ୱାରା ସାକ୍ଷାତ୍‌କାରରେ କୃତକାର୍ଯ୍ୟ ହେବେ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ । ମାଳି କାର୍ଯ୍ୟରେ ଅଭିଜ୍ଞ ଥିବା ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ ।

(5) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ବ୍ୟକ୍ତିଗତ ଖର୍ଚ୍ଚରେ ଡାକ୍ତରୀ ପରୀକ୍ଷା ପାଇଁ (ଖର୍ଚ୍ଚ ପ୍ରାୟ- 2500/-ଟଙ୍କା) ଖର୍ଚ୍ଚ କରିବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୁର୍ ହସ୍ପିଟାଲ୍‌ଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ହେବେ ।

(6) ସିଲେକ୍‌ସନ୍ (ପ୍ରାର୍ଥୀ ଚୟନ) ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍‌ରେ ନିଜର ରହଣୀର ବ୍ୟବସ୍ତା ନିଜେ କରିବାକୁ ପଡ଼ିବ ।

(7) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ।

(8) ଉକ୍ତ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନ କାର୍ଯ୍ୟାଳୟରେ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ବା ବିଚାରକୁ ନିଆଯିବ ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ଼-143516, ମୋବାଇଲ୍ ନଂ:9888232530, 9682627592
କାର୍ଯ୍ୟାଳୟ: 01872-501130
Email:diwan@qadian.in

☆--☆--☆

## 2025 ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜୈଲି ତନ୍‌ଜିମାତ୍ (ଜମାଅତ୍ ଅଧୀନସ୍ଥ ଗୋଷ୍ଠୀ ଯଥା ଖୁଦ୍ଦାମ୍, ଅନ୍‌ସାର୍ ଓ ଲଜ୍‌ନା ଇମାଇଲ୍ଲାଃ)ଙ୍କର ବାର୍ଷିକ ଇଜ୍‌ତିମା

ଚଳିତ ବର୍ଷ ସୟେଦିନା ହୁଜୁର ଅନ୍‌ୱର୍ ଅ.ବ ତିନି ଅଧୀନସ୍ଥ ଗୋଷ୍ଠୀ ଯଥା- ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହମଦିୟା ଭାରତ, ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଭାରତ ଓ ମଜ୍‌ଲିସ୍ ଲଜ୍‌ନା ଇମାଇଲ୍ଲାଃ ଭାରତଙ୍କ କାଦିୟାନ୍ ଦାରୁଲ୍ ଅମାନ୍ ଠାରେ ବାର୍ଷିକ ମର୍କଜି ଇଜ୍‌ତିମା ନିମନ୍ତେ ପ୍ରଦତ୍ତ 2025 ମସିହା ଅକ୍ଟୋବର ମାସ 24, 25, 26 ତାରିଖ, ଶୁକ୍ରବାର, ଶନିବାର ଓ ରବିବାରର ତାରିଖ ଦୟାବତ୍ସଳ ରୂପେ ଅନୁମୋଦନ କରି ସ୍ୱୀକୃତି ପ୍ରଦାନ କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦମାନଙ୍କୁ ଅନୁରୋଧ କି ସେମାନେ ଉପରୋକ୍ତ ତାରିଖ ଅନୁଯାୟୀ ଇଜ୍‌ତିମାରେ ସାମିଲ୍ ହେବା ନିମନ୍ତେ ଯଥାସମ୍ଭବ ଉଦ୍ୟମ କରନ୍ତୁ । **(ସଦର୍ ମଜଲିସ୍ ଖୁଦ୍ଦାମୁଲ୍ ଅହମଦିୟା)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan